ସର୍ବଧର୍ମ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.31 Bhubaneswar Wednesday March 06 2024 | ୨୬ତମ ବର୍ଷ ସଂଖ୍ୟା–୩୧ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୦୬, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




# ମୋଦି ଗ୍ୟାରେଣ୍ଟି ସମାବେଶରେ କଂଗ୍ରେସ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ








ଚଣ୍ଡିଖୋଲ (ସର୍ବେଶ୍ୱର ବାରିକ)/ ଭୁବନେଶ୍ୱର ବ୍ୟୁରୋ,୫ ।୩(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଓଡିଶା ଗସ୍ତରେ ଆସି ଫେରି ଯାଇଛନ୍ତି। ଏହି ଅବସରରେ ଚ଼ଣ୍ଡିଖୋଲ ଠାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମ 'ମୋଦିଙ୍କ ଗ୍ୟାରେଣ୍ଟି ସମାବେଶ'ରେ ସେ କଂଗ୍ରେସକୁ ତୀବ୍ର ସମାଲୋଚ଼ନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଆଜି ଦେଶରେ ଅନେକ ବିକାଶ କାର୍ଯ୍ୟ ହେଉଛି। ଏହା ପୂର୍ବରୁ ବି ହୋଇପାରିଥା'ନ୍ତା। କିନ୍ତୁ ୨୦୧୪ ପୂର୍ବରୁ ବର୍ଷ ବର୍ଷ ଧରି ସରକାରରେ ଥିବା କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡିକର ପୂରା ଧ୍ୟାନ କେବଳ ନିଜ ସିନ୍ଦୁକରେ ଟଙ୍କା ଭରିବା ଉପରେ ରହିଥିଲା। ଯେଉଁ କଂଗ୍ରେସ ସରକାର କୋଇଲାକୁ ଲୁଟି ଖାଇଯାଏ, ସେ ଗରିବ ଲୋକଙ୍କୁ ମାଗଣା ଖାଦ୍ୟ ଦେବା କଥା କେମିତି ଚ଼ିନ୍ତା କରିପାରିବ। ଯେଉଁ କଂଗ୍ରେସ ସରକାର ଯୁରିଆରେ ଘୋଟାଲା କରେ, ସେ କୃଷକମାନଙ୍କୁ ଶସ୍ତାରେ ଯୁରିଆ କେମିତି ଯୋଗାଇଥା'ନ୍ତା। ଯେଉଁ କଂଗ୍ରେସ ସରକାର ନିଯୁକ୍ତିରେ ବି ଘୋଟାଲା କରେ, ସେ ଦେଶର ଯୁବକଯୁବତୀ ମାନଙ୍କୁ କେମିତି ଚ଼ାକିରି ଦେଇଥା'ନ୍ତା।

ସେ କହିଥିଲେ, ଦେଶ ସ୍ୱାଧୀନ ହେବା ପରଠୁ ହିଁ କଂଗ୍ରେସ ଦେଶରେ ଏମିତି ସବୁ ବ୍ୟବସ୍ଥା ତିଆରି କଲା, ଯେଉଁଥିରେ ଗରିବ, ଯୁବ ପିଢ଼ି ଓ ଆଦିବାସୀଙ୍କ ଉପରେ ଅବିଶ୍ୱାସ ଜନ୍ମ ହେବ। ଗରିବମାନେ କଂଗ୍ରେସ ସରକାର ପାଖକୁ ଯେକୌଣସି ପ୍ରକାର ସହାୟତା ପାଇଁ ଗଲେ, ସେମାନଙ୍କୁ ଗ୍ୟାରେଣ୍ଟି ମଗା ଯାଉଥିଲା। ସେତେବେଳେ ସମସ୍ତଙ୍କୁ ଗ୍ୟାରେଣ୍ଟି ମଗାଯାଉଥିଲା। ବ୍ୟାଙ୍କରେ ଖାତା ଖୋଲିବା ପାଇଁ କଂଗ୍ରେସ ଗ୍ୟାରେଣ୍ଟି ମାଗୁଥିଲା। ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କରୁ ଋଣ ମାଗିବାକୁ ଗଲେ ଗ୍ୟାରେଣ୍ଟି ମାଗୁଥିଲା କଂଗ୍ରେସ। ଚ଼ାକିରି ପାଇଁ ଆବେଦନ କଲେ କୌଣସି ଅଫିସରଙ୍କ ଠାରୁ ଗ୍ୟାରେଣ୍ଟି ଆଣ ବୋଲି କୁହାଯାଉଥିଲା। କିନ୍ତୁ ୨୦୧୪ ପରେ ଜଣେ ଗରିବ ଲୋକର ପୁଅ କେନ୍ଦ୍ର ସରକାରକୁ ଆସିଲା। ଆଉ ଯେତେବେଳେ ଜଣେ ଗରିବର ପୁଅ ପ୍ରଧାନମନ୍ତ୍ରୀ ହୋଇଗଲା, ସେ କହିଲା- ମୋଦି ହେବ ଗରିବର ସବୁଠୁ ବଡ ଗ୍ୟାରେଣ୍ଟି। ଉକ୍ତ ସମାବେଶରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ବିଜେପି କେନ୍ଦ୍ରୀୟ ଓଡ଼ିଶା ପ୍ରଭାରୀ ବିଜୟପାଲସିଂ ତୋମର , ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ତଥା ଅନ୍ୟାନ୍ୟ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସଭାଶେଷରେ ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।




## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାରେ ଏକାଧିକ ବିକାଶମୂଳକ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ, ଉଦ୍ଘାଟନ ଓ ଦେଶକୁ ଉତ୍ସର୍ଗୀକୃତ






ଭୁବନେଶ୍ୱର,୫ ।୩(ପି.ଏନ): ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଚ଼ଣ୍ଡିଖୋଲ ଠାରେ ଓଡ଼ିଶାରେ ପ୍ରାୟ ୧୯,୬୦୦ କୋଟି ରୁ ଅଧିକ ଏକାଧିକ ବିକାଶମୂଳକ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ, ଉଦ୍ଘାଟନ ଓ ଦେଶକୁ ଉତ୍ସର୍ଗୀକୃତ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବୋଧନ କରି ମାନ୍ୟବର ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦୁଇଟି ଯାତ୍ରୀବାହୀ ଟ୍ରେନ୍ ଏବଂ ଗୋଟିଏ ମାଲବାହୀ ଟ୍ରେନ୍ ମଧ୍ୟ ଶୁଭାରମ୍ଭ କରିଥିଲେ । ଏହି ସମସ୍ତ ପ୍ରକଳ୍ପ ରେଳ, ତୈଳ ଏବଂ ଗ୍ୟାସ୍, ସଡକ, ପରିବହନ ଏବଂ ରାଜପଥ ଏବଂ ପରମାଣୁ ଶକ୍ତି ସହିତ ଜଡିତ ।ସମାବେଶକୁ ସମ୍ବୋଧିତ କରି ମାନ୍ୟବର ପ୍ରଧାନମନ୍ତ୍ରୀ ଓଡିଶାର ଲୋକଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ମନ୍ତ୍ରଣାଳୟ ଅଧୀନରେ ଓଡିଶାରେ କରାଯାଉଥିବା ଅନେକ ବିକାଶମୂଳକ ପ୍ରକଳ୍ପର ତାଲିକାଭୁକ୍ତ କରିଥିଲେ । ସେ ସୂଚ଼ନା ଦେଇଛନ୍ତି ଯେ ଗତ ଦଶ ବର୍ଷ ମଧ୍ୟରେ ଓଡିଶା ପାଇଁ ରେଳ ବଜେଟ୍ ପ୍ରାୟ ୧୨ ଗୁଣ ବୃଦ୍ଧି କରାଯାଇଛି । ଏଥିସହ ସେ କହିଛନ୍ତି ଯେ ରାଜ୍ୟରେ ରେଳ-ରାଜପଥ-ବନ୍ଦର ସଂଯୋଗରେ ବହୁତ ଉନ୍ନତି ହୋଇଛି । ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶ ପାଇଁ ୧୬୨ କିମି ବାଂଶପାଣି - ଡୈତାରୀ - ଟମକା - ଯଖପୁରା ଦୋହରୀକରଣ ଏବଂ ଖୋର୍ଦ୍ଧା ରୋଡ୍-ବାରଙ୍ଗ ତୃତୀୟ ରେଳ ଲାଇନକୁ ଦେଶକୁ ଉତ୍ସର୍ଗୀକୃତ କରିଛନ୍ତି । ଏହି ବର୍ଦ୍ଧିତ କ୍ଷମତା ନିକଟବର୍ତ୍ତୀ ବନ୍ଦର ଏବଂ ଇସ୍ପାତ କାରଖାନା ତଥା ଦେଶର ଅନ୍ୟାନ୍ୟ ସ୍ଥାନକୁ ଖଣିଜ ପଦାର୍ଥ ଏବଂ ଖଣିଜ ପଦାର୍ଥର ଦକ୍ଷ ପରିବହନକୁ ସହଜ କରିବ, ଯାହା ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ । ଘରୋଇ ତଥା ଆନ୍ତର୍ଜାତୀୟ ବାଣିଜ୍ୟକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀ କଳିଙ୍ଗ ନଗରରେ କନକୋର କଣ୍ଟେନର ଡିପୋକୁ ମଧ୍ୟ ଉଦ୍ଘାଟନ କରିଛନ୍ତି । ସେ ନରଲା ଠାରେ ଇଲେକ୍ଟ୍ରିକ୍ ଲୋକୋ ପିରିଓଡିକାଲ୍ ଓଭରହେଲିଂ କାରଖାନା, କାଣ୍ଟାବାଞ୍ଜିରେ ୱାଗନ୍ ପିରିଓଡିକାଲ୍ ଓଭରହେଲିଂ କାରଖାନା ଏବଂ ବାଘୁଆପାଲରେ ୱାଗନ୍ ରକ୍ଷଣାବେକ୍ଷଣ ସୁବିଧା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ପୁରୀ ଏବଂ ଆନନ୍ଦ ବିହାର (ନୂଆଦିଲ୍ଲୀ) ମଧ୍ୟରେ ଥିବା ନୂତନ ଟ୍ରେନକୁ ମଧ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀ କେନ୍ଦୁଝରଗଡ଼ ରେଳ ଷ୍ଟେସନରୁ ଭିଡିଓ କାନଫରେନସିଂ ମାଧ୍ୟମରେ ଶୁଭାରମ୍ଭ କରିଥିବାବେଳେ ହରିଦାସପୁର - ପାରାଦୀପ ମାର୍ଗରେ ପ୍ରଥମ ଯାତ୍ରୀବାହୀ ଟ୍ରେନ୍ ପାରାଦୀପ-କେନ୍ଦୁଝରଗଡ଼ ମଧ୍ୟରେ ସେବା ମଧ୍ୟ ଆରମ୍ଭ କରିଥିଲେ । ଏହି ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ ହେବା ସହିତ କେନ୍ଦ୍ରାପଡା ଜିଲ୍ଲା ମଧ୍ୟ ଯାତ୍ରୀବାହୀ ଟ୍ରେନର ସେବା ପାଇପାରିବ । ଏହା ବ୍ୟତୀତ ଯାଜପୁର ସ୍ଥିତ କଳିଙ୍ଗ ନଗରରେ ଅବସ୍ଥିତ କନକର୍ କଣ୍ଟେନର ଡିପୋ ରୁ ଉତ୍ତରପ୍ରଦେଶର ଦାଦ୍ରି ପର୍ଯ୍ୟନ୍ତ ଏକ କଣ୍ଟେନର ଟ୍ରେନ୍ ମଧ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ରଘୁବର ଦାସ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଦକ୍ଷତା ବିକାଶ ଏବଂ ଉଦ୍ୟମିତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ଏବଂ ଜଳ ଶକ୍ତି ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁ ଚ଼ଣ୍ଡିଖୋଲ ଠାରେ ଏହି ଅବସରରେ ଯୋଗଦାନ କରିଥିଲେ । ମାନ୍ୟବର ସାଂସଦ / ବିଧାୟକମାନେ ମଧ୍ୟ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନର୍ଲା ରୋଡ, କଣ୍ଟାବାଞ୍ଜି, ପାରାଦୀପ, କେନ୍ଦୁଝର ଏବଂ ବାଘୁଆପାଲରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ୧୧ ପରେ ରାଜ୍ୟରେ ବଢ଼ିବ ତାତି !

ଭୁବନେଶ୍ୱର,୫ ।୩(ପି.ଏନ): ଆସନ୍ତା ୧୧ ତାରିଖ ପରେ ରାଜ୍ୟରେ ପାରଦ ବଢ଼ିବ। ଦିନ ଓ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ଯାଏଁ ବଢ଼ିବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ଏନେଇ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍ ଅନୁସାରେ ରାଜ୍ୟରେ ଗୋଟିଏ ଗୁରୁଚ଼ାପ ବଳୟ ସକ୍ରିୟ ରହିଛି। ଯାହାର ପ୍ରଭାବରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବ। ଯେଉଁଥିପାଇଁ ରାଜ୍ୟରେ କେତେକ ସ୍ଥାନରେ ହାଲ୍କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ନୟାଗଡ ଓ ଦକ୍ଷିଣ ଓଡିଶାରେ କେତେକ ଜିଲ୍ଲାରେ ହାଲ୍ ?କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଆଗାମୀ ୪ ଦିନ ପର୍ଯ୍ୟନ୍ତ ଏମିତି ବର୍ଷା ଲାଗି ରହିବ।

## ମୋହନାକୁ ଏନଏସି ମାନ୍ୟତା ଦିଆ ନ ଗଲେ ଭୋଟ ବର୍ଜନ ଚେତାବନୀ

ପାରଳାଖେମୁଣ୍ଡି,୫/୩(ପି.ଏନ): ଗଜପତି ଜିଲ୍ଲାର ମୋହନା ବ୍ଲକ ମହକୁମାକୁ ନେଇ ଏନଏସି ମାନ୍ୟତା ପ୍ରଦାନ ପାଇଁ ସାଧାରଣଙ୍କ ଦାବି ଜୋର ଧରିଲା. ଆଗାମୀ ସାଧାରଣ ନିର୍ବାଚ଼ନ ପୂର୍ବରୁ ମୋହନାକୁ ଏନଏସି ମାନ୍ୟତା ପ୍ରଦାନ କରାନଗଲେ ଭୋଟ ବର୍ଜନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି. ସୂଚ଼ନାଯୋଗ୍ୟଯେ, ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ୍ ତଥା ଗଜପତି ଜିଲ୍ଲାର ସର୍ବବୃହତ୍ତମ ବ୍ଲକ୍ ମୋହନାକୁ ଏନ.ଏ. ସି ମାନ୍ୟତା ଦାବିରେ ଆନ୍‌ଦୋଳନ ଚେତାବନୀ ଦେଇଛନ୍ତି ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ସଂଗଠନ କ୍ଷ ଆଜି ମୋହନା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ । ଗତ କିଛି ଦିନ ତଳେ ରାଜ୍ୟ ସରକାର ରାଜ୍ୟର ୩୫ଟି ସହରକୁ ଏନଏସି ଓ ୫ଟି ସହରକୁ ପୌର ପରିଷଦ ଭାବେ ଘୋଷଣା କରିଛନ୍ତି କ୍ଷ କିନ୍ତୁ ଦୀର୍ଘ ବର୍ଷ ହେଲା ମୋହନାକୁ ଏନ.ଏ.ସିର ମାନ୍ୟତା ପାଇଁ ଉନ୍ନୟନ ପରିଷଦ, ଏମକେସିଜି ଯୁବକ ସଂଘ, ୨ଟି ବଣିକ ସଂଘ, ସାମ୍ବାଦିକ ସଂଘ, ଓକିଲ ସଂଘ, ମହିଳା ସଂଘ, ଜନପ୍ରତିନିଧି ଓ ବୁଦ୍ଧିଜୀବୀ,ଶିକ୍ଷାବିତ୍ ଦାବି କରି ଆସୁଛନ୍ତି କ୍ଷ ବିଡମ୍ବନାର ବିଷୟ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ମୋହନାକୁ ଏନଏସି ଘୋଷଣା କରାଯାଇନଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି କ୍ଷ ତେଣୁ ଆଗାମୀ ନିର୍ବାଚ଼ନ ପୂର୍ବରୁ ଯଦି ସରକାର ମୋହନାକୁ ଏନଏସିର ମାନ୍ୟତା ପ୍ରଦାନ ନ କଲେ ଆନ୍ଦୋଳନ ସହ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ପରିଷଦର ସଭାପତି ଓ କର୍ମକର୍ତ୍ତାବୃନ୍ଦ ।









# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟି କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ‘ଲଭ କମ୍ୟୁନିଟଉ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ

ପୂଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।



ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ



ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ ପୂଜା ଓ ଅନୁଷ୍ଠାନ ହୋଇଥାଏ।




ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ୟୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ




ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଶାନ୍ତି, ସହିଷ୍ଣୁତା ଏବଂ ସମନ୍ୱୟତାର ବାର୍ତ୍ତାବହ !

୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପଞ୍ଜାବ ପ୍ରଦେଶର ଲୁଧିଆନାଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ୍ୟ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା। ସେହିପରି ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ବିନା ଭେଦଭାବରେ ସମଗ୍ର ମାନବ ଜାତି ପାଇଁ କରୁଣାର ସାଗର ହୋଇ ଆସିଥିଲେ। ଅଜଣା ବସ୍ତି କାଦିଆନ (ପଞ୍ଜାବ)ରୁ ଉଠିଥିବା ଏହି ଆଧାତ୍ମିକ ଗୁଞ୍ଜନ ଆଜି ବିଶ୍ୱର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଚାଲିଛି। ''ଏବେ ବି ଏହି ପୁଷ୍ପବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜାମାନେ ମଧ୍ୟ ତୋ ଠାରୁ ଉନ୍ନତିର ଆଶାଇ ହେବେ। ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ।

ସୁତରାଂ ହଜରତ ଅହମଦ ସେହି ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରିବା ସମୟରେ ସେ ମାତ୍ର ଜଣେ ବ୍ୟକ୍ତି ଥିଲେ। ଆଜି ବିଶ୍ୱର ୨୧୫ଗୋଟି ରାଷ୍ଟ୍ରରେ ତାଙ୍କର କୋଟି କୋଟି ଅନୁଗାମୀ ଅହମଦିମାନେ ବସବାସ କରୁଛନ୍ତି। ଅହମଦୀୟା ସମ୍ପ୍ରଦାୟ ଏକ ପକ୍ଷରେ ମନୁଷ୍ୟକୁ ନିଜ ପାଳନକର୍ତ୍ତାଙ୍କ ସହିତ ସଂପର୍କ ଯୋଡ଼ିବାରେ ଯତ୍ପରୋନାସ୍ତି ପ୍ରୟାସ କରୁଛି ତ ଅନ୍ୟ ପକ୍ଷରେ ଜଣେ ମନୁଷ୍ୟକୁ ପ୍ରେମ କରିବା ପାଇଁ ତାଗିଦ କରୁଛି। ସୁତରାଂ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ତଥା ତାଙ୍କ ଖଲିଫାଗଣ ନିଜର ନୀତିଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ପଥହରା ମନୁଷ୍ୟଙ୍କୁ ସତପଥକୁ ଟାଣି ଆଣି ପାଳନକର୍ତ୍ତାଙ୍କ ସହିତ ସେମାନଙ୍କର ସଂଯୋଗ ସ୍ଥାପନ କରି ଦେଇଛନ୍ତି। ଯଦ୍ୱାରା ସେମାନଙ୍କୁ ମିଳିପାରିଛି ଅଲ୍ଲାଃଙ୍କ ସାନିଧ ପ୍ରାପ୍ତିର ଏକ ଦିବ୍ୟ ଅନୁଭବ। ସୁତରାଂ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରାଣପ୍ରତିଷ୍ଠାତା କହିଛନ୍ତି; ବର୍ତ୍ତମାନ ଯୁଗରେ ମୁଁ ଈଶ୍ୱର ପ୍ରେରିତ ସୁଧାରକ ହୋଇ ଆସିବା କେବଳ ମୁସଲମାନମାନଙ୍କ ସଂସ୍କାର ପାଇଁ ଅଭିପ୍ରେତ ନୁହେଁ; ବରଂ ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିଆନ ଏହି ତିନି ପ୍ରମୁଖ ଧାର୍ମିକ ସମ୍ପ୍ରଦାୟର ସୁଧାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ ଖ୍ରୀଷ୍ଟିଆନ ନିମନ୍ତେ ମସିହ ମଉଦ କରି ପଠାଇଛନ୍ତି, ମୁଁ ସେହିପରି ହିନ୍ଦୁ ପାଇଁ କୃଷ୍ଣ ଅବତାର ରୂପରେ ଆସିଅଛି। ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା'ଠାରୁ ମଧ୍ୟ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତ୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଯଦି ଜଣେ ପଡ଼ୋଶୀ ଦେଖୁଛି ଯେ ଜଣେ ପାଖ ହିନ୍ଦୁ ଘରେ ନିଆଁ ଲାଗିଛି, ଅଥଚ ତାକୁ ଲିଭାଇବା ପାଇଁ ସେ ଅଂଟା ଭିଡ଼ି ବାହାରୁ ନାହିଁ, ତା'ହେଲେ ମୁଁ ସତ କହୁଛି ଯେ ସେହି ବ୍ୟକ୍ତି ମୋର କେହି ନୁହେଁ। ଯଦି ମୋର ଅନୁଗାମୀମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନକୁ ହତ୍ୟା କରାଯାଉଛି ମାତ୍ର ସେ ସେହି ହତ୍ୟାକାରୀଠାରୁ ଛଡ଼ାଇବା ଉଦ୍ଦେଶ୍ୟ ନେଇ କୌଣସି ସାହାଯ୍ୟ ପାଇଁ ଆଗେଇ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେହି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ।

ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା। ସେ ୨୬ ମଇ ୧୯୦୮ ମସିହାରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟେଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆଯାଇଥିଲା। ଭାରତବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ୍ୟ ଦେଶର ସବୁ ଜାତି ଓ ସମ୍ପ୍ରଦାୟ

# ପୁରାଣବିଦିତ ଅବତାରବାଦ ଓ ପ୍ରଭୁ ଶ୍ରୀରାମ



ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ। ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ। ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି। ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି। ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି। ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦ୍‌ଗଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି। କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୂଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ। ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ।



ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇପାରିବ। ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି। (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ। ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ। ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ୱର ଚେତନା ହିଁ ଅବତାରକୁ ବୁଝାଏ। ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ। ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି। ଅବତାରତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଲାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ। ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ।

ରାମାୟଣ ଯୁଗରେ (ତ୍ରେତା), କୁଳଗୁରୁ ବଶିଷ୍ଠ ଓ ଋଷ୍ୟଶୃଙ୍ଗ କର୍ତ୍ତୃପ ରାଜାଦଶରଥଙ୍କ ଦ୍ୱାରା ଅନୁଷ୍ଠିତ ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ପବିତ୍ର ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ କୋଳ ମଣ୍ଡନ କରିଥିଲେ। ବାଲ୍ୟଲୀଳାର ଅନ୍ତଘଟାଇ ରାମାୟଣର ମହାନାୟକ ରାଜକୁମାର ଶ୍ରୀରାମଙ୍କ ସହିତ ଜନକ ନନ୍ଦିନୀ ସୀତାଙ୍କର ଶୁଭପରିଣୟ ଅନୁଷ୍ଠିତ ହେବାପରେ ବରଯାତ୍ରୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ପ୍ରଜା ସାମାକୁଳ ଅଯୋଧ୍ୟା କଟକରେ ଅନିର୍ବଚନୀୟ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଛି ଅଯୋଧ୍ୟା କାଣ୍ଡରେ। କୋଳାହଳପୂର୍ଣ୍ଣ ରାଜ ନଅରରେ, ରାଜକୁମାର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ ପରିପ୍ରେକ୍ଷୀରେ ମାତା କୈକେୟୀ କର୍ତ୍ତୃକ ମନ୍ଥରାଙ୍କ ଚକ୍ରାନ୍ତରେ ରାଜ୍ୟାଭିଷେକ ଅନୁଷ୍ଠିତ ହେବା ପରିବର୍ତ୍ତେ ସମଗ୍ର ଅଯୋଧ୍ୟାବାସୀଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି। ଶୋକାକୁଳ ପରିବେଷ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କର ଚଉଦବର୍ଷ ବନଗମନ ସାଙ୍ଗକୁ, ଶ୍ରୀରାମଙ୍କ ଅବର୍ତ୍ତମାନରେ ଦଶରଥଙ୍କର ମହାପ୍ରୟାଣ ଜନିତ ଦାରୁଣ ଦୁଃଖ, ଗ୍ରନ୍ଥର କଳେବରକୁ କାରୁଣ୍ୟତାରେ ଭରି ଦେଇଛି। ପୁତ୍ର ଶୋକାତୁର ସତ୍ୟସନ୍ଧରାଜା ଦଶରଥ, ପ୍ରଭୁ ଶ୍ରୀରାମଙ୍କ ବିରହରେ ମ୍ରିୟମାଣ ହୋଇ ଶୋକ ଜର୍ଜରିତ ଚିତ୍ତରେ ହେମୋର ପ୍ରାଣପ୍ରିୟ ରାମ ! ହା ଜାନକୀ ହା ଲକ୍ଷ୍ମଣ ! ହାପିତା - ଚିତ୍ତ- ଚକୋର - ହିତକାରୀ ମେଘ ! କହି କହି ଭୂମିରେ ଲୋଡ଼ି ପଡିଲେ ପୁଣି ଶେଷଥର ପାଇଁ ରାମ ରାମ ଉଚ୍ଚାରଣ କରି ଶ୍ରୀରାମଙ୍କ ବିରହରେ ମର ଶରୀର ତ୍ୟାଗ କରି ସୁର ଲୋକକୁ ଗମନ କଲେ। ପ୍ରଜାସମାକୁଳ, କୋଳାହଳପୂର୍ଣ୍ଣ ଅଯୋଧ୍ୟା କଟକ ସର୍ବହୀତକାରୀ ପ୍ରଭୁଶ୍ରୀରାମ ଓ ପ୍ରଜାନୁରଞ୍ଜନ ନରପତି ଦଶରଥଙ୍କ ବିଚ୍ଛେଦରେ ଅବ୍ୟକ୍ତ ଯନ୍ତ୍ରଣାରେ ବିଦୀର୍ଣ୍ଣ ହୋଇ ଏକ ଅନଗତ ଭବିଷ୍ୟତକୁ ଅପେକ୍ଷା କରି ପଡ଼ି ରହିଲା। ଅତୁଳନୀୟ ରାଜବୈଭବର ଆଶକ୍ତି ପରିହାର କରି, ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଦୁର୍ବିସହ ଦୁଃଖଯନ୍ତ୍ରଣାକୁ ପାଥେୟକରି ପ୍ରଭୁ ଶ୍ରୀରାମ ଗହନ କାନ୍ତାର ମଧ୍ୟରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଘୁରି ବୁଲିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ଦଶାନନ, କୁଡ଼ିଆ ମଧ୍ୟରୁ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରି ନେଲା। ବାଲ୍ୟଲୀଳା ଶେଷରେ ଆଦ୍ୟଯୌବନ କାଳରେ ପ୍ରଭୁ ଶ୍ରୀରାମ ବହ୍ମର୍ଷି ବିଶ୍ୱାମିତ୍ର କର୍ତ୍ତୃକ ବିଦେହ ମଣ୍ଡଳରେ ପ୍ରବେଶ, ପଥରେ ଅଭୀଶପ୍ତା ଅହଲ୍ୟାଙ୍କର ଶାପମୋଚନ, ଶିବଧନୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ ଆଦି ନାନାବିଧ ପାର୍ଥୀବ ଓ ପାରମାର୍ଥୀକ କାର୍ଯ୍ୟ ଶେଷକରି ସୀତାଙ୍କ ପିତୃସତ୍ୟପାଳି ଚଉଦବର୍ଷ କାଳ ଦୁସ୍ତର ବନବାସ ଜୀବନ କଟାଇବାକୁ ଲାଗିଲେ। ଇତିମଧ୍ୟରେ ସୀତା ହରଣ ଜନୀତ ହୃଦୟ ବିଦାରକ ଦୁଃଖ ଓ ବିଶ୍ୱତ୍ରାସ ରାବଣ ସମେତ ବହୁରାକ୍ଷସଙ୍କୁ ବଧକରି ଅବତାର ବାଦର ବୈଶିଷ୍ଟ୍ୟ ପ୍ରତିପାଦନ କଲେ। ପ୍ରାଣପ୍ରିୟା ସୀତାଙ୍କୁ ପାଇଲାବେଳକୁ ଚଉଦବର୍ଷର ବନବାସ ଜୀବନ ଶେଷ ହୋଇ ଆସିଛି। ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜଧର୍ମର ପାରମ୍ପରିକ ରୀତିରେ ରାଜ ସିଂହାସନରେ ଅଭୀଷିକ୍ତ ହୋଇ, ରାଜଧର୍ମ ପାଳନ ଅବସରରେ ଆଉ ଏକ ଦାରୁଣ ବିପତ୍ତିର ସମ୍ମୁଖୀନ ହୋଇ, ପ୍ରଜାକୁଳର ସବୁଠାରୁ ଅଧମ ପର୍ଯ୍ୟାୟ ପ୍ରତି ସମ୍ମାନ ଜଣାଇ ତୀବ୍ର ଅଭିମାନ ଓ ଦାରୁଣ ଦୁଃଖାଭିଭୂତ ପ୍ରଭୁ ଶ୍ରୀରାମ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁନି ପୁଙ୍ଗବ ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇ କାନ୍ତ ବିରହ ବିଧୁରା ପତିପ୍ରାଣା ଜାନକୀ ଯମଜ-ସନ୍ତାନ ଲବ ଓ କୁଶ ଦୁଇ ଭାଇଙ୍କୁ ଜନ୍ମ ଦେଇଛନ୍ତି । ହାୟ ବିଧାତା ଏହାତ ପୁଣି ମନୁଷ୍ୟ ଜୀବନର ଦୁଃଖଦ କାହାଣୀ। ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ। ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି। ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି। ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ୍ୟ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଛନ୍ତି। ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖର ସଂସାର କରିଥାନ୍ତେ କି। ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିସ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି। ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ। ଜୟ ଶ୍ରୀରାମ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୦୬

# ଶିକ୍ଷା ପାଇଁ କୋଚିଂ ଜରୁରୀ କି ?


ପ୍ରଣତି ଆଚାର୍ଯ୍ୟ ମିଶ୍ର

ଖାଉଟି ବ୍ୟାପାର ମନ୍ତ୍ରାଳୟର ପରାମର୍ଶ କ୍ରମେ କୋଚିଂ ଅନୁଷ୍ଠାନଗୁଡ଼ିକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ କିଛି ନିୟମ ଜାରି କରିଛି । ଚୟନ ହୋଇଥିବା ପ୍ରାର୍ଥୀ ନିଯୁକ୍ତି ପତ୍ର ପାଇବା ପରେ, ସେମାନେ କୌଣସି କୋଚିଂ ଅନୁଷ୍ଠାନ ସହ ଯୋଗାଯୋଗ କରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଅର୍ଥାତ୍ କୌଣସି କୋଚିଂ ଇନଷ୍ଟିଚ୍ୟୁଟ୍ ତାଙ୍କ ନାମ ବ୍ୟବହାର କରିବେ ନାହିଁ। ଏହାର କାରଣ ହେଉଛି ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା କୋଚିଂ ଅନୁଷ୍ଠାନଗୁଡ଼ିକର ଅତ୍ୟଧିକ ବିଜ୍ଞାପନ । ମନ୍ତ୍ରଣାଳୟର ଆପତ୍ତି ହେଉଛି ଯେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ନାମ ଅନେକ କୋଚିଂ ଅନୁଷ୍ଠାନ ଦ୍ୱାରା ବିଜ୍ଞାପନ କରାଯାଏ, ଯାହା ପ୍ରାର୍ଥୀଙ୍କ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରଭାବିତ କରେ ।ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ସାରା ଦେଶର ପିଲାଙ୍କ ଭିଡ଼ ଜମିଥାଏ। ଉଦାହରଣ ସ୍ୱରୂପ, ୨୦୨୨ ମସିହାରେ ପାଖାପାଖି ୯୦୦ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା ବେଳେ କୋଚିଂ ଅନୁଷ୍ଠାନଗୁଡିକ ଦ୍ୱାରା ସାଢେ ତିନି ହଜାର ପ୍ରାର୍ଥୀଙ୍କ ବିଜ୍ଞାପନ ପ୍ରକାଶ ପାଇଥିଲା । ଦେଶର ଆଇଏଏସ୍, ଆଇପିଏସ୍, ରାଜସ୍ୱ, ରେଳବାଇ ଭଳି ପ୍ରଶାସନିକ ଚାକିରିରେ ଅଧିକାରୀ ନିଯୁକ୍ତି ପାଇଁ ସିଭିଲ୍ ସର୍ଭିସ୍ ପରୀକ୍ଷା ହେଉଛି ସର୍ବୋଚ୍ଚ ପରୀକ୍ଷା, ଯେଉଁଥିରେ ପ୍ରତିବର୍ଷ ପ୍ରାୟ ୧୨ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପାଖାପାଖି ୯୦୦ ଜଣ ଙ୍କୁ ଚୟନ କରାଯାଏ। ଏହି ପରୀକ୍ଷା ରେ ଉତ୍ତିର୍ଣ୍ଣ ପାଇଁ ଯୁବପିଢ଼ି ଏବଂ ତା'ଠାରୁ ଅଧିକ ସେମାନଙ୍କ ପିତାମାତା କିଛି ବି କରିବାକୁ ପ୍ରସ୍ତୁତ । କୋଚିଂ ଅନୁଷ୍ଠାନଗୁଡ଼ିକ ଏହାର ବିକଳ୍ପ ପାଲଟିଛନ୍ତି। ସୂଚନାଯୋଗ୍ୟ, ଉତ୍ତମ ଶିକ୍ଷା ପାଇଁ କେବଳ ସିଭିଲ ସର୍ଭିସ ନୁହେଁ ବରଂ ଆଇଆଇଟି, ମେଡିକାଲ, ଆଇଆଇଏମ୍ ହେବାଠାରୁ ଆରମ୍ଭ କରି ବ୍ୟାଙ୍କ ଅଫିସର, ଶିକ୍ଷକ ହେବା ପର୍ଯ୍ୟନ୍ତ ଅନେକ କୋଚିଂ ଇନଷ୍ଟିଚ୍ୟୁଟ୍ ଗତ କିଛି ବର୍ଷ ମଧ୍ୟରେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରବେଶିକା ପରୀକ୍ଷା ପାଇଁ ଦେଶବ୍ୟାପୀ ହଜାର ହଜାର କୋଚିଂ ଅନୁଷ୍ଠାନ ଚାଲିଛି ଏବଂ ପ୍ରତିବର୍ଷ ଏହା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏକ ଆକଳନ ଅନୁଯାୟୀ କୋଚିଂ ଶିଳ୍ପର ବାର୍ଷିକ କାରବାର ପ୍ରାୟ ୬୦ ହଜାର କୋଟି ଟଙ୍କା। କାହିଁକି ପ୍ରତିବର୍ଷ ଏହି ବ୍ୟବସାୟ ବୃଦ୍ଧି ପାଉଛି ? ଏଥିପାଇଁ କେବଳ କୋଚିଂ ଇନଷ୍ଟିଚ୍ୟୁଟ୍ ଦାୟୀ କି ? ନା ଆମର ଶିକ୍ଷା ବ୍ୟବସ୍ଥା ଦାୟୀ ? ?

'ପ୍ରଥମ' ନାମକ ଏକ ସଂସ୍ଥାର ସଦ୍ୟ ରିପୋର୍ଟ ଅନୁଯାୟୀ ବିହାର ଓ ଉତ୍ତରପ୍ରଦେଶର ଅଧିକାଂଶ ବିଦ୍ୟାଳୟରେ, ଗଣିତରେ ଯେଉଁ ଶିକ୍ଷକମାନେ ଅଛନ୍ତି ସେମାନଙ୍କର ଗଣିତରେ କୌଣସି ଡିଗ୍ରୀ ନାହିଁ ଏବଂ ଇଂରାଜୀ ପଢ଼ାଉଥିବା ଶିକ୍ଷକ ମଧ୍ୟ ଇଂରାଜୀରେ ସ୍କୁଲର ନାମ ଭୁଲ ଲେଖୁଛନ୍ତି । କେଉଁଠି ଶିକ୍ଷକ ବିନା ସ୍କୁଲ ଚାଲିଛି। ସ୍କୁଲ ରେ ଶୌଚାଳୟ ନାହିଁ କି ଛାତ ନାହିଁ। ଯେତେବେଳେ ଏନସିଇଆରଟି ବହି ଠିକ୍ ସମୟରେ ଉପଲବ୍ଧ ହେଉନାହିଁ, ତେବେ ଏହି ପିଲାଏବଂ ସେମାନଙ୍କ ପିତାମାତାଙ୍କ ପାଇଁ ବିକଳ୍ପ କ'ଣ? ଏବେ ବିହାରର ପୂରା ଶିକ୍ଷା ବ୍ୟବସ୍ଥା ସ୍କୁଲ ଶିକ୍ଷା ପାଇଁ ଦିଲ୍ଲୀ ସ୍କୁଲକୁ ଆସିବା ଆରମ୍ଭ କରିଛି । ସେଥିପାଇଁ ଯେଉଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଯେତିକି ଖରାପ ହୋଇପଡ଼ିଛି, (ବିଶେଷ କରି ସରକାରୀ ସ୍କୁଲଗୁଡ଼ିକରେ) ସେଠାରେ ପ୍ରାଇଭେଟ୍ ସ୍କୁଲ ଓ କୋଚିଂ ସେଣ୍ଟରର ସଂଖ୍ୟା ଅଧିକ ବଢ଼ିବାରେ ଲାଗିଛି। ଏକ ଆକଳନ ଅନୁଯାୟୀ, ୫୦ ବର୍ଷ ପୂର୍ବେ? ସରକାରୀ ବିଦ୍ୟାଳୟରେ ଶିକ୍ଷା ୯୦ ପ୍ରତିଶତରୁ ଅଧିକ ଉପଲବ୍ଧ ହେଉଥିଲା, ବର୍ତ୍ତମାନ ଏହା ୪୫ ପ୍ରତିଶତରୁ କମ୍ କୁ ଖସି ଆସିଛି। ଏହା ସବୁ ରାଜ୍ୟର ଅବସ୍ଥା। ନୂଆ ନିର୍ଦ୍ଦେଶ ଅନୁଯାୟୀ କୋଚିଂ ଇନଷ୍ଟିଚ୍ୟୁଟଗୁଡ଼ିକ ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଆଡମିଟ୍ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ନୀତି ନିର୍ମାତାମାନେ କ'ଣ ଜାଣନ୍ତି ନାହିଁ ଯେ କୋଚିଂ କେବଳ ମହାନଗର ମାନଙ୍କରେ ନୁହେଁ ବରଂ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଆଇଆଇଟି, ମେଡିକାଲ ପ୍ରବେଶ ପରୀକ୍ଷା ପାଇଁ ପ୍ରତି ଗଳି କନ୍ଦିରେ ରାସ୍ତାର କୋଣ ଅନୁକୋଣରେ ଚାଲିଛି।

ଏବେ ବଡ଼ ବଡ଼ ଅନୁଷ୍ଠାନଗୁଡ଼ିକରେ ହୋମ୍ ଟ୍ୟୁସନ୍ ନାମରେ କୋଚିଂ ଚାଲିଛି। ୩୦, ୪୦ ବର୍ଷ ପୂର୍ବେ? ସବୁଠାରୁ ଦୁର୍ବଳ ପିଲା ଟିଉସନ୍ ସନ୍ଧାନରେ ଥିଲା , ବିଶେଷ କରି ଦଶମ-ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ପାଇଁ। କିନ୍ତୁ ଏବେ ପ୍ରଥମ ଶ୍ରେଣୀ ପୂର୍ବରୁ ଟ୍ୟୁସନ୍ ଧରିବା ରୋଗ ପହଞ୍ଚିଯାଇଛି।୩୦ ବର୍ଷ ତଳେ ଶିକ୍ଷାବିତ୍ ତଥା ବୈଜ୍ଞାନିକ ପ୍ରଫେସର ଯଶପାଲଙ୍କ 'ବର୍ଡେନ୍' ରିପୋର୍ଟରେ କୁହାଯାଇଥିଲା ଯେ ପାଠପଢ଼ା ଶିକ୍ଷା ପାଇଁ ଟିଉସନ ଅତ୍ୟନ୍ତ ବିପଜ୍ଜନକ। ସରକାର ଓ ଶିକ୍ଷା ଅଧିକାରୀମାନେ ଏହି ରୋଗ ବିଷୟରେ ଅବଗତ ନୁହଁନ୍ତି,ପ୍ରତେକ ରାଜ୍ୟସ୍ତରରେ ଶିକ୍ଷା ନିର୍ଦ୍ଦେଶକ ଓ ଶିକ୍ଷା ଅଧିକାରୀମାନେ ଏହାକୁ ନିୟନ୍ତ୍ରଣ କରିପାରିବେ। କିନ୍ତୁ ପରିସଂଖ୍ୟାନ ଦର୍ଶାଉଛି ଯେ ୮୦ %ନିର୍ଦ୍ଦେଶକ ବା ଶିକ୍ଷା ଅଧିକାରୀ ସେମାନଙ୍କ ଅଧୀନରେ ଥିବା ସ୍କୁଲ କୁ ଯାଞ୍ଚ କରିବାକୁ ଯାଆନ୍ତି ନାହିଁ ।ବଢୁଥିବା ଜନସଂଖ୍ୟା କୁ ଦୃଷ୍ଟିରେ ରଖି କମ୍ ଚାକିରି, କଲେଜ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟାପ୍ତ ନଥିବା, ଯେଉଁଠି ନିଯୁକ୍ତି ଅପେକ୍ଷା ଶିକ୍ଷା ଅଧିକ, ଯେଉଁଠି ଜ୍ଞାନ ଅପେକ୍ଷା ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯେଉଁଠି ଇସ୍ତାହାରରେ ଶିକ୍ଷା ସଂସ୍କାର କଥା ନାହିଁ, ସେଠାରେ କୋଚିଂ ଉପରେ ସମସ୍ତଙ୍କ ଭରସା। ଯଦି କୋଚିଂ ଇନଷ୍ଟିଚ୍ୟୁଟ୍ ଗୁଡ଼ିକରେ ଶିକ୍ଷକମାନେ ଭଲ ଦରମା ଦେଖୁନଥାନ୍ତେ , ପିଲାମାନଙ୍କ 'ଫିଡ୍ ବ୍ୟାକ୍' ପ୍ରତିଦିନ ନିଆଯାନ୍ତା, ସେଠାରେ ନା ଜାତି, ଧର୍ମ ଦେଖାହୁଅନ୍ତା। ଏଭଳି କୋଚିଂ ସେଣ୍ଟର ନା ଦେଖିବାକୁ ମିଳୁଛି ନା ଶିକ୍ଷକମାନେ ଷ୍ଟାର, ସୁପରଷ୍ଟାର ହୋଇ ରହିଛନ୍ତି। ଆମେରିକାର ଅକ୍ସଫୋର୍ଡର ବିଶ୍ୱବିଦ୍ୟାଳୟ ଏହି ମାନ୍ୟତା କ୍ରମ ଆଧାରରେ ବିଶ୍ୱକୁ ଆକର୍ଷିତ କରୁନାହାଁନ୍ତି କି ?ଯଦି କୋଚିଂ ଇନଷ୍ଟିଚ୍ୟୁଟ୍ ଉପରେ ନିୟମ ଲାଗୁ କରାଯାଏ ତେବେ ପ୍ରତିବର୍ଷ ବିଦେଶ ଯିବା ପାଇଁ ସମାନ କଟକଣା ରହିବା ଉଚିତ୍। ଆଇଆଇଟି ଓ ଆଇଆଇଏମ୍ ଭଳି ଅନୁଷ୍ଠାନରେ ୫୦ ପ୍ରତିଶତରୁ ଅଧିକ ଖାଲି ପଡ଼ିଥିବା ଶୁଣିବାକୁ ମିଳୁଛି। ଯଦି ସେଗୁଡିକ ପୂରଣ କରିବା ପାଇଁ ଉପଯୁକ୍ତ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ନାହାନ୍ତି ତେବେ ସ୍ୱତନ୍ତ୍ର ପରିସ୍ଥିତିରେ ପଦବୀକୁ ବିଚ୍ଛିନ୍ନ କରାଗଲେ ସରକାର କ୍ଷତିଗ୍ରସ୍ତ ହୁଅନ୍ତେ ନାହିଁ ।ବିଡମ୍ବନାର ବିଷୟ ଯେ କୋଚିଂ ସେଣ୍ଟରର ଶିକ୍ଷକ ସେମାନଙ୍କ ପିଲାମାନଙ୍କୁ ସରକାରୀ କେନ୍ଦ୍ରୀୟ ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଧ୍ୟୟନ ପାଇଁ ମଧ୍ୟ କୋଚିଂ ଅନୁଷ୍ଠାନ ପଠାନ୍ତି । ଡିସେମ୍ବର ମାସର ସଂସଦ ଅଧିବେଶନରେ ସାର୍ବଜନୀନ ହୋଇଥିବା ଏକ ପ୍ରଶ୍ନ ହେଉଛି ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ କେତେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଏସବୁ କେତେ ଦୁଃଖଦାୟକ ! ଗତବର୍ଷ ୩୫ ଜଣ ଆତ୍ମହତ୍ୟା କରିଥିବା ବେଳେ ଚଳିତ ବର୍ଷ ଜାନୁଆରି ପ୍ରଥମ ସପ୍ତାହରେ ୨ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି ।ଯଦି ଆମ ଶିକ୍ଷା ବ୍ୟବସ୍ଥା ସ୍କୁଲ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଠିକ୍ କରାଯାଏ, ତେବେ କୌଣସି ପିଲା କୋଚିଂ ଇନଷ୍ଟିଚ୍ୟୁଟ ରାସ୍ତା ଧରିବେନି ଏବଂ ଋଣ ନେଇ ପଢିବା ପାଇଁ ବିଦେଶ ଦୌଡ଼ିବେ ନାହିଁ ।

ନୟାଗଡ

ମୋ:୯୪୩୭୬୪୨୯୪୭

# ସାବଧାନ, ନିର୍ବାଚନ ଆସୁଛି

ବିଶ୍ୱର ବୃହତମ ଗଣତନ୍ତ୍ର ଭାରତ । ଜନସଂଖ୍ୟାରେ ଦ୍ୱିତୀୟ । ଯୁବପିଢିଙ୍କ ସଂଖ୍ୟା ସବୁ ଦେଶ ଠାରୁ ଆଗରେ । ଶିକ୍ଷା ଦୀକ୍ଷା ଜ୍ଞାନ ଗାରିମାରେ ବି ଆଗରେ । ଖଣି ଖାଦାନରେ, ସବୁଜିମାରେ ଭରପୁର ଏ ସୁନ୍ଦର ଦେଶ । କିନ୍ତୁ ଦୂର୍ଭାଗ୍ୟ ସ୍ୱାଧୀନତା ପ୍ରାପ୍ତି ଠାରୁ ଯେଉଁ ହାରରେ ଭାରତବର୍ଷର ଉନ୍ନତି ପ୍ରଗତି ହେବା କଥା,ହେଇ ପାରିନି । ଏହା ପଛରେ ଯେଉଁ ସବୁ କାରଣ ରହିଛି ସେଗୁଡ଼ିକ ଭିତରୁ ଦୂର୍ଣତି, ଅନୀତି, ଚୁଚୁମା ଦେଇ ଶୋଷଣ କରିବାର କୁତ୍ସିତ ଭାବନା,କୋହଳ ମନୋଭାବ ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର କିଛିଟା ଅଭାବ । ନିର୍ବାଚନ ଆସେ ଆଉ ଯାଏ ପ୍ରତି ପାଂଚ ବର୍ଷରେ ଥରେ । କାହାରି ଦେଖା ପାଉ ନଥିବ, କିନ୍ତୁ ଠିକ୍ ନିର୍ବାଚନ ପାଖେଇ ଆସିଲେ କେତେ ବଡ଼ ବଡିଆଙ୍କ ଭିଡ଼ ଗାଁ ଗାଁରେ । ପ୍ରତିଶ୍ରୁତିର ପାହାଡ । ମାଳ ମାଳ ଯୋଜନା ପରେ ଯୋଜନା। ଭିନ୍ନ ଭିନ୍ନ ତରିକା ଭୋଟରଙ୍କୁ ନିଜ ଆଡ଼କୁ ଆଣିବାର । କେଉଁ ସରକାର ମାଗଣା ଚାଉଳ ଦେଇଛି, କେଉଁ ସରକାର ମାଗଣା ଛତା ଯୋତା କମ୍ବଳ ଦେଇଛି, କିଏ ହାତୀ ଘୋଡ଼ା ଦେଇଛି, ତା'ର ବଡ଼ ବଡ଼ ହୋର୍ଡିଂ । କେତେ ସତ, କେତେ ମିଛ, ସେକଥା ପାଠକେ ବିଚାର କରିବେ । ଭାତ ମାଉଁସ ଭୋଜି, ଆବଶ୍ୟକ ସ୍ଥଳେ ନାଲି ପାଣିର ସୁଅ । ଗୋଟେ କଥା କିନ୍ତୁ ସତ, ମାଗଣାରେ ଲୋକଙ୍କୁ ଚାଉଳ,ଅର୍ଥ, ଛତା ଯୋତା କମ୍ବଳ ଦେଇ, ଲୋକ ମାନଙ୍କର ଅର୍ଥନୈତିକ ଅବସ୍ଥାରେ ସୁଧାର ଅଣାଯାଇ ପାରିବନି । ଆଜି ଜଣେ ଗରୀବ ଲୋକକୁ ଯଦି ଦୁଇ ହଜାର ଟଙ୍କା ଦିଆଯାଏ, ଦୁଇଦିନ ପରେ ସେ ଟଙ୍କା ତା ପାଖରେ ନଥିବ । ତେଲ ଲୁଣ, ଡାଲି ଚାଉଳରେ ସେ ଟଙ୍କା କୁଆଡେ ଚାଲି ଯାଇଥିବ । ଯେଉଁ ଅଭାବକୁ ସେହି ଅଭାବ । କିନ୍ତୁ ସେ ଲୋକଟି ଟଙ୍କା ଦେଇଥିବା ଲୋକଟି ପାଖରେ ମୁଣ୍ଡ ନୁଆଇଁବ ସବୁଦିନ ପାଇଁ । ଗୋଟେ କୁକୁଡ଼ାକୁ ଅଳ୍ପ କିଛି ଚାଉଳ ଦେଇ ତା'ର ସବୁ ପର ଉପାଡ଼ି ଦିଅ । ତା'ପରେ ତାକୁ ଚାଉଳ ଦିଅ, ଦେଖିବ ସେ ପର ଉପୁଡା ଯାଇଥିବା କୁକୁଡାଟି ତୁମ ପଛେ ପଛେ ଚାଉଳ ଖାଇବାକୁ ଯିବ । ସେ ସିନା ପକ୍ଷୀଟିଏ, ତା'ର ଏତେ ବୁଦ୍ଧି ନାହିଁ । କିନ୍ତୁ ମଣିଷ ପରା ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବ । ମାଗଣା ଲୋଭରେ ପର ଉପୁଡା କୁକୁଡା ଭଳି ଆମେ କାହିଁକି ବ୍ୟବହାର କରିବା । କେଇଥର ମାଉଁସ ଭୋଜି, କେଇଶହ ଟଙ୍କା ଆମ ଜୀବନରେ କେବେବି ପରିବର୍ତ୍ତନ ଆଣି ପାରିବନି । ଭୁଲ୍ ଠିକ୍ ର ପାର୍ଥକ୍ୟ ପରଖିବାର ଶକ୍ତି ଆମକୁ ଈଶ୍ୱର ଦେଇଛନ୍ତି । ଚିନ୍ତା କରିବାର ଶକ୍ତି ଆମ ଭିତରେ ଅଛି । ଆମେ କାହାରି ମିଠା କଥାରେ ଭଳି ନଯାଇ ବିବେକ ଅନୁସାରେ କାମ କରିବା ଆବଶ୍ୟକ । ଯେଉଁମାନେ ଦାନୀ କର୍ଣ୍ଣ, ଦାନୀ ହରିଶ୍ଚନ୍ଦ୍ର ଭଳି ନିର୍ବାଚନ ବୈତରଣୀ ପାରିହେବା ପାଇଁ ଦାନ ଧର୍ମ କରୁଛନ୍ତି, ସେମାନେ ଏତେ ଟଙ୍କା କେଉଁଠୁ ଆଣିଲେ । ଆଜିର ସ୍ୱାର୍ଥପର ସୁବିଧାବାଦୀ ଦୁନିଆରେ କେହି କାହାକୁ ବିନା ସ୍ୱାର୍ଥ ଆଶାରେ ଟଙ୍କାଟିଏ ଦିଏ କି ? ହଁ , କିଛି ଲୋକ ଅଛନ୍ତି ଯେଉଁମାନଙ୍କର ହୃଦୟ ଗରୀବର ଉନ୍ନତି ପାଇଁ କାନ୍ଦୁଥାଏ । ସେଭଳି ଲୋକ ପ୍ରକୃତ ଜନନାୟକ । ଆଜିର ଦୁନିଆରେ ଏମିତି ଜନନାୟକ କେତେଜଣ ଅଛନ୍ତି । ସଂଖ୍ୟା କମ୍ ହେଲେବି ସେମାନେ ବାସ୍ତବରେ ଲୋକ ସେବକ। ସେମିତି ଭଦ୍ର ଲୋକଙ୍କୁ ଆମକୁ ନେତା ଭାବରେ ବାଛିବାର ଅଛି ନିର୍ବାଚନ ସମୟରେ ଆମ ହାତରେ ଥିବା ଅମୋଘ ଅସ୍ତ୍ର ବେଲଟ୍ ପେପର ମାଧ୍ୟମରେ । ଲୋକଙ୍କୁ ଭକୁଆ ବନେଇ ଭୋଟ୍ ନେଇ ସାରିବା ପରେ, ଯେଉଁମାନେ ଲୋକଙ୍କ ସହିତ ନରହି, ଲୋକଙ୍କ ସୁଖଦୁଃଖରେ ଭାଗି ନହୋଇ, ଦିଲ୍ଲୀ କିମ୍ୱା ଭୁବନେଶ୍ୱରରେ ଏସି ଘରେ ବସନ୍ତି, ସେମାନଙ୍କୁ ଆମେ କାହିଁକି ବାଛିବା । ମାଗଣାରେ କେବେ ଆମ ପେଟ ପୁରିବନି କି ଆମର ପ୍ରକୃତ ପ୍ରଗତି ହେବନି । ବରଂ ଆମେ କର୍ମକୁଣ୍ଠ ହେଇଯିବା । ଦେଶ ଯିବ ତଳକୁ ତଳକୁ, ଆଉ ଆମର ଅବସ୍ଥା ସମୟକ୍ରମେ ତତଲା କଢେଇରେ କଉମାଛ ଭାଜିବା ଭଳି ହେବ ।ଋଣ କରି ଘିଅ ଭାତ ଖାଇବାର ମାନେ କ'ଣ । ଏବେ ଆମେ ବେଳେ ବେଳେ ବିଭିନ୍ନ ଖବରକାଗଜରେ ପଢୁଛେ ଭାରତରେ ଅନେକ ରାଜ୍ୟ ଋଣଭାରରେ ଅତିଷ୍ଠ । ଋଣ ଯନ୍ତାରେ ପଡ଼ିବାକୁ ଯାଉଛନ୍ତି । ଜନ୍ମ ହେଉଥିବା ଶିଶୁଟି ହଜାର ହଜାର ଟଙ୍କାର ଋଣ ବୋଝ ନେଇ ଧରିତ୍ରୀ ମାଆକୁ ଛୁଁଉଛି । ଏମିତି ହେଲେ ଋଣ ସୁଝାଯିବ କେମିତି । ସବୁ ଟଙ୍କା ଶେଷରେ ଆମରି ପାଖରୁ ଆଦାୟ ହେବ । କୁଡ଼ିଆ ଘର ଉପରେ ଲାଗିବ ଟିକସ । ବଢ଼ିବ ସବୁ ଦରଦାମ । ମାର୍ ମାର୍ ଭଣ୍ଡରିଆକୁ ମାର୍ ନ୍ୟାୟରେ ହନ୍ତସନ୍ତ ହେବେ ସାଧାରଣ ଜନତା । କର୍ଣ୍ଣ, ହରିଶ୍ଚନ୍ଦ୍ରଙ୍କର କିଛି କ୍ଷତି ହେବନି କାରଣ ସେମାନେ ମହାପୁରୁଷ, ଟଙ୍କା ବିଡା ଉପରେ ଅୟସ କରୁଥିବା ବଡ଼ ଲୋକ । ନିର୍ବାଚନ ସମୟରେ କିମ୍ବା କଥା ପ୍ରସଙ୍ଗରେ କିଛି ଲୋକ କହନ୍ତି ମୋ ଦେହର ରକ୍ତ ଅମୁକ ଦଳର,ସମୁକ ଦରର ଇତ୍ୟାଦି । ଆରେ ଭାଇ, ସମସ୍ତଙ୍କ ଦେହର ରକ୍ତର ରଙ୍ଗ ନାଲିଆ । ରକ୍ତ ଭିତରେ ଦଳ କେଉଁଠୁ ଆସିଲା । ବାହାଘର, ବ୍ରତଘର, କୋ ?ଣସି କ୍ରିୟାକର୍ମକୁ ନିମନ୍ତ୍ରଣ କଲେବି ଦଳୀୟ ଆଧାରରେ କିଛି ଲୋକ ଭୋଜନ ପାଇଁ ଆସନ୍ତିନି । ଏ କି ଅବାସ୍ତବ କଥ !!! ଦଳ ଦଳ ବାଟରେ ଯାଉ, ଆମ ଭିତରେ ଆଗ ଏକତା ରହୁ । ବିପଦ ଆପଦରେ ଆମେ ପରସ୍ପରକୁ ନେଇ ଚଳିବା । କୋଣସି ଦଳ ଆସି ଆମ ପାଖରେ


ଭାସ୍କର ବାରିକ୍

ଆଗ ଠିଆ ହେବନି । ଆସିଲେ ବି ଫାଟଟିକୁ ବନ୍ଦ କରିବା ବଦଳରେ ନିଜର ଫାଇଦା ପାଇଁ ଆହୁରି ବଡ଼ କରିବେ । ବିଭେଦ ସୃଷ୍ଟି କରୁଥିବା ଦୁଷ୍ଟ ଶକ୍ତିକୁ ଚିହ୍ନିକି ରଖ । କ୍ଷତି ଆମର ହେବ,ଆଉ କାହାରି ନୁହେଁ , ମନେରଖ । ଥରେ ଜଣେ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ପଚାରିଲି,ଭାଇ ଆପଣ ଜଣେ ଭଲ ଲୋକ । ଲୋକମାନେ ଆପଣଙ୍କୁ ମାନନ୍ତି, ସମ୍ମାନ ଦିଅନ୍ତି । ଆପଣ ସେଦିନ ଭାଷଣରେ ଯେଉଁ ଆଦର୍ଶବାଦର କଥା କହିଲେ, ସତରେ ଆପଣ ଗୁପ୍ତରେ ତା'ର ଓଲଟା କରୁଥିବାର କିଛି ଲୋକ କହୁଛନ୍ତି । ତାଙ୍କର ଉତ୍ତର ଥିଲା, ସେଥିପାଇଁ ଚିନ୍ତା ନାହିଁ । ଦାନା ପକେଇଲେ, ଗଭୀର ପାଣି ଭିତରୁ ମାଛମାନେ ଆପେ ଆପେ ପାଣି ଉପରକୁ ଆସିବେ ଦାନା ଖାଇବା ପାଇଁ । ଆଉ କେଇଦିନ ପରେ ଦେଖିବୁ ସେହିମାନେ ମୋ ସହିତ ଥିବେ । ସତରେ ମୁଁ ଆଶ୍ଚର୍ଯ୍ୟ ହେଲି ଗୋଟିଏ ସପ୍ତାହ ଭିତରେ ସେହି ଲୋକମାନେ ମହାମାନ୍ୟଙ୍କ ସହିତ ବସି ତାସ୍ ଖେଳୁଛନ୍ତି ଓ ପାଖରେ ମାଉଁସ କଂସା ଚାଲିଛି ଓ କେତୋଟି ଗ୍ଲାସ୍ ଅଛି । ବାଃ ବାଃହେରେ ଗଣତନ୍ତ୍ର !!! ଅର୍ଥବଳ କ'ଣ କରି ନପାରେ !!! ଗାଁଉଁଲି ଗରୀବ ଲୋକଙ୍କ ନାଡି ଚିପି ଠିକ୍ ଔଷଧ ଦେଇଥିଲେ ଭାଇ ଜଣକ । କିନ୍ତୁ ଏହା ଦ୍ୱାରା ଦେଶର କ'ଣ କ୍ଷତି ହେଉଛି, ଅନେକ ଲୋକ ଚିନ୍ତା କରନ୍ତି ନାହିଁ । ଅପାଠୁଆ ହେଉ, ମାତାଲି ହେଉ, ତା ନାମରେ ଗଣ୍ଡା ଗଣ୍ଡା ପ୍ରମାଣିତ ହୋଇପାରି ନଥିବା ମାରାତ୍ମକ କେସ୍ ଥାଉ, କିଛି ପରବାୟ ନାହିଁ । ଲୋକ ନୁହେଁ, ଚିହ୍ନ ଦେଖ, ଆଙ୍ଗୁଠି ଦବାଅ । କାମ ଖତମ୍ । ସବୁ ରାଜ୍ୟରେ, ଦେଶରେ ଉଚ୍ଚ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବଢୁଛି । ସୁନା ଚେନ୍ ଚିଡ଼େଇ ନେଇ ପଳେଇବା, ଚୋରି କରିବା କୁଅଭ୍ୟାସକୁ ଆପଣେଇ ନେବା କେସ୍ ରେ କେତେକ କ୍ଷେତ୍ରରେ ଖୁବ୍ ଉଚ୍ଚ ଡିଗ୍ରୀ ହାସଲ କରିଥିବା ଯୁବକମାନଙ୍କର ହାତ ଥିବା ପ୍ରମାଣିତ ହେଉଛି । ଶିକ୍ଷା ସଂସ୍କୃତି ସଂସ୍କାର ତଳକୁ ତଳକୁ ଯାଉଛି । ନିର୍ବାଚନ ଆସୁଛି । ଏଥର ସଜାଗ ହେବା, ସତର୍କ ରହିବା । ଯେଉଁ ଲୋକ କର୍ମରେ ବିଶ୍ୱାସ ରଖେ, କଥାରେ ନୁହେଁ, ପ୍ରକୃତ ଶିକ୍ଷିତ, ଦେଶ ପାଇଁ ଚିନ୍ତା କରୁଥିବ, ଲୋକଙ୍କ ସୁଖଦୁଃଖରେ ଭାଗୀ ହେଉଥିବ, ସେହିଭଳି ଲୋକଙ୍କୁ ବାଛିବା । ଦରକାର ନାହି ଆମର ମାଗଣା ଚୁଚୁମା । ଯେଉଁ ଲୋକ ସର୍ବ ପୁରାତନ ସଭ୍ୟତାର ମହନୀୟତା, ଆମ ସଂସ୍କୃତିକୁ ଠିକ୍ ଭାବରେ ସମ୍ମାନ ଦେଉଥିବ, ଆମେ ସେମିତି ସୁମଣିଷ ବାଛିବା । କୁଆଖାଇ ନଦୀ ପଠାରେ ଘଟିଥିବା କୁକର୍ମ , ଅନ୍ଧୁଣୀ ଛବିରାଣୀର କାହାଣୀ, ଅଂଜନା,ପରି, ବେବିନା, ମମତା ,ନିର୍ଭୟା କାଣ୍ଡର କାରଣ ସାଜିଥିବା ପଶୁମାନଙ୍କୁ ଉଚିତ୍ ଦଣ୍ଡ ବିଧାନରେ ଏତେ ବିଳମ୍ବ କାହିଁକି ? ପାପି ଦଣ୍ଡ ପାଇବା ଦରକାର ଖୁବ୍ ଶୀଘ୍ର । ଦଶନ୍ଧି ଦଶନ୍ଧି ଧରି ତଦନ୍ତ ଚାଲୁଛି, କେସ୍ ଚାଲୁଛି ନ୍ୟାୟାଳୟରେ । ବିଚାରର ଫଇସଲା ଆସିଲା ବେଳକୁ କିଛି ଲୋକ ଇହଧାମ ଛାଡ଼ି ଆରପାରିକୁ ଚାଲି ଯାଇଥିବାର ଅନେକ ଦୃଷ୍ଟାନ୍ତ । ପାପ କରିବ, ପୁଣି ତାକୁ ଜ୍ୱାଇଁ ପୁଅର ସମ୍ମାନ ଦେଇ ବର୍ଷ ବର୍ଷ ଜେଲ୍ ଭିତରେ ରଖି ରାଜକୋଷରୁ ଟଙ୍କା ବରବାଦ୍ କାହିଁକି ହେବ ? ଯେଉଁ ସରକାର ଆସୁ ନା କାହିଁକି କ୍ଷମତାକୁ, ଜନମଙ୍ଗଳ ରାଷ୍ଟ୍ରରେ ଜନତାଙ୍କ ପ୍ରକୃତ ଉନ୍ନତି ପାଇଁ କାମ କରୁ । ଭାରତ ଏକ କୃଷିପ୍ରଧାନ ଦେଶ । କୃଷକର ଉନ୍ନତି ହେବା ଅର୍ଥ ଦେଶର ଉନ୍ନତି । ପ୍ରତିଟି ବ୍ଲକ୍ ସ୍ତରରେ ତିଆରି ହେଉ କୋଲ୍ଡ ଷ୍ଟୋରେଜ ଚାଷୀଙ୍କ ଉନ୍ନତି ପାଇଁ । ସବୁ କ୍ଷେତକୁ ପାଣି ଯିବାର ବ୍ୟବସ୍ଥା ହେଉ ସବୁ ପ୍ରକାର ଚାଷ ପାଇଁ । ଷ୍ଟାର୍ଟ ଅପ୍ ଯୋଜନା କେମିତି ଆହୁରି ଆଗକୁ ବଢ଼ିବ, ସେ ବିଷୟରେ ଧ୍ୟାନ ଦିଆଯାଉ । ବିଦ୍ୟାଳୟ ସ୍ତରରୁ ପିଲାଙ୍କୁ ଆଧ୍ୟାତ୍ମିକ ଭାବନା ନେଇ ସୁମଣିଷ ଆଉ ଦେଶପ୍ରେମୀ ଭାବରେ ଗଢାଯାଉ । ଗଢିଉଠୁ ନୂଆ କଳକାରଖାନା ଯେଉଁଠି ଲକ୍ଷ ଲକ୍ଷ ଲୋକ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ପାଇ ନିଜ ଗୋଡ଼ରେ ନିଜେ ଠିଆ ହେବା ସହିତ ନିଜର ପରିବାରର ଦାୟିତ୍ୱ ତୁଲାଇ ପାରିବେ । ପ୍ରଦୂଷଣ ମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଦିଆଯାଉ । ମିଛ କହି ବିଭିନ୍ନ ସରକାରୀ ଯୋଜନାରୁ ଯେଉଁ ଅଯୋଗ୍ୟ ଲୋକମାନେ ଫାଇଦା ନେଉଛନ୍ତି, ସେମାନଙ୍କୁ ତୁରନ୍ତ ସେ ସମସ୍ତ ଯୋଜନାରୁ ବାଦ୍ ଦିଆଯାଉ । ଯେଉଁ ବାହାର ଦେଶର ଲୋକମାନେ ଚୋରାବାଟ ଦେଇ ଆମ ଦେଶରେ ଧିରେଧିରେ କାୟା ବିସ୍ତାର କରି ଚାଲିଛନ୍ତି, ବିଦା କରାଯାଉ ସେ ସମସ୍ତଙ୍କୁ ଏ ପବିତ୍ର ଭାରତବର୍ଷରୁ । ଅନ୍ୟାୟ ଅତ୍ୟାଚାର ବ୍ୟଭିଚାର ଶୋଷଣ ଦୁର୍ନୀତି ବିରୋଧରେ ନିଆଯାଉ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ । ଦେଶର ଉନ୍ନତି ପାଇଁ ଯାହା ଭଲ ସେମିତି ପଦକ୍ଷେପ ନିଆଯାଉ । ଆମର କିଛି ସ୍କୁଟି ଯୋଜନା, ଟିଭି ଯୋଜନା,ମାଗଣା ଖାଇବା ଯୋଜନା, ହାତୀ ଘୋଡ଼ା ଦେବାର ପ୍ରତିଶ୍ରୁତି ଦରକାର ନାହି । କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ମାଗଣା ଦିଆଯାଉ,ଆଉ କିଛି ନୁହେଁ । ମାଗଣା ଯୋଜନା ଉପଭୋଗ କରିବା କାହିଁକି ପୁଣି କୋ ?ଣସି ନା କୋ ?ଣସି ବାଟରେ ସୁଝିବା କାହିଁକି ଆଖିରୁ ଲୁହ ଗଡ଼ ?ଇ । କ୍ଷମତା ନିଶାରେ ନିଶାଶକ୍ତ ହୋଇ ଭୁଲ୍ ପରେ ଭୁଲ୍ କଲେ ଏ ଦେଶର ଅବସ୍ଥା କ'ଣ ହେବ, ସମୟ କହିବ । ତେଣୁ ସମୟ ଆସୁଛି, ବୁଝି ବିଚାରି କାମ କରନ୍ତୁ, ନହେଲେ ନେଡ଼ିଗୁଡ଼ କହୁଣୀକୁ ବୋହି ଯିବ । କଥାରେ ଅଛି ପରା,' ବୁଝି ବିଚାରି କାମ କଲେ , ବିପଦ ନପଡଇ ଭଲେ । ତେଣୁ ସାବଧାନ । ତୃଷା ହୁରୁଡିଲେ ବରଷେ, ଭୋଟର୍ ଭୁଲ୍ କଲେ କାନ୍ଦିବେ ପାଂଚ ବର୍ଷ । କାହାରି କଥାରେ ଭଳି ଯିବାନି, କାହାରି ପାଖରୁ କିଛି ଉତ୍କୋଚ ନେବାନି, ସମସ୍ତଙ୍କ ସହିତ ସୁସମ୍ପର୍କ ରଖିବା ,ଆମ ରାଜ୍ୟ ଓ ଦେଶ କଥା ଭାବିବା,ଆଉ ଶେଷରେ ନିଜର ବିବେକ ଅନୁସାରେ ନିଶ୍ଚିତ କାମ କରିବା ।ବିଶ୍ୱ ପ୍ରସିଦ୍ଧ ନାଟ୍ୟକାର ବର୍ଣ୍ଣାଡ ଶ ଙ୍କ ଭାଷାରେ ରାଜନୀତି ହେଉଛି ଦୁଷ୍ଟ ଲୋକର ଅନ୍ତିମ ଆଶ୍ରୟସ୍ଥଳ । ଏଇଟା ଆଜିକାଲିର ସମୟରେ ଅନେକାଂଶରେ ସତ ବୋଲି ମନେ ହେଉନାହିଁ କି ? ବାହୁବଳ ଅର୍ଥବଳର ଖେଳ ଚାଲୁଛି । ଏହି ଡରରେ ଭଲ ଲୋକଙ୍କ ସଂଖ୍ୟା ରାଜନୀତି ମୈଦାନରେ କମି କମି ଯାଉଛି । ଲୋହିଆ, ଶାସ୍ତ୍ରୀ , ପଟେଲ, ବିଜୁ ପଟ୍ଟନାୟକ, ଅଟଳଜୀଙ୍କ ପରି ମହାନ ଦୂରଦୃଷ୍ଟି ସମ୍ପର୍ଣ୍ଣ ତୁଙ୍ଗ ନେତା ଆଉ କାହାନ୍ତି ? ଗୋଟିଏ ରେଳ ଦୁର୍ଘଟଣା ପାଇଁ ଶାସ୍ତ୍ରୀ ନୈତିକ ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ଏ ପ୍ରକାର ସଚ୍ଚୋଟତା ନୈତିକତା ଆଉ ସେତେଟା ନାହିଁ । ଦେଶର ସେବାଠାରୁ ଆତ୍ମ ସେବା ବଡ଼ ହେଉଛି । ନିଜର ଆଗାମୀ ଚଉଦ ପୁରୁଷ କେମିତି ଅର୍ଥନୈତିକ ଦୃଷ୍ଟିକୋଣରୁ ଭଲରେ ରହିବେ, ସେହି ଚିନ୍ତା ଅଧିକ । ତେଣୁ ଏମିତି ଲୋକଙ୍କୁ ଭୋଟ୍ ଦେବା ଅର୍ଥ ବିଷଧର ନାଗସାପକୁ ବେକରେ ପକେଇ ଭୟାବହ ଅବସ୍ଥାକୁ ଆହ୍ୱାନ କରିବା । ଭୋଟ କେନ୍ଦ୍ରକୁ ଯିବା ପୂର୍ବରୁ ବିବେକକୁ ଥରେ ପଚାରି ବୁଝନ୍ତୁ, ଆପଣ ଯାହାକୁ ନିଜର ନେତା ହିସାବରେ ବାଛିବାକୁ ଯାଉଛନ୍ତି, ସେ ଲୋକ ସମାଜର ସାମୁହିକ ଉନ୍ନତି ଓ ଦେଶର ସଂସ୍କୃତି, ସୁରକ୍ଷା ଓ ପ୍ରଗତି ପାଇଁ ଯୋଗ୍ୟ ତ ???

ବାସୁଦେବପୁର,ଭଦ୍ରକ

ଦୂରଭାଷ ୯୪୩୭୩୨୦୩୫୦

# ଗାନ୍ଧୀବାଦର ପରିବର୍ତ୍ତନ ସମୟ ଆଗତ କି ?

ଭାରତ ବର୍ଷରେ ଗାନ୍ଧୀ ଏକ ବ୍ୟକ୍ତିଙ୍କର ସଂଜ୍ଞା, ସାଙ୍ଗିଆ ଯାହା ନାମର ପଛକୁ ଯୋଡ଼ି ହୋଇ ଅନ୍ୟସବୁ ସାଙ୍ଗିଆ ପରି ରହିଁଛି। ହେଲେ ଏପରି ଗାନ୍ଧୀ କହିଲେ ମହାତ୍ମାଗାନ୍ଧୀଙ୍କୁ ବୁଝାଉଛି। ଭାରତ ସ୍ୱାଧୀନତା ପାଇଁ ଯେ ବ୍ରିଟିଶ ଶାସନ ଅବସାନ ପାଇଁ ଏକ ମତର ସ୍ଥାୟୀପଥ ପ୍ରଚାର କରି, ତତ୍କାଳ ଦେଶବାସୀଙ୍କୁ ତହିଁରେ ଉଦବୁଦ୍ଧକରି କାର୍ଯ୍ୟଟି ସାଧନ କରିଦେଇଥିଲେ। ତାଙ୍କର ଅହିଂସାର ଅସ୍ତ୍ର ଏକ ଶାକ୍ତିଶାଳୀ ମହାଅସ୍ତ୍ର। ଏହାକୁ ସମଗ୍ର ଦୁନିଆ ତତ୍କାଳ ଜାଣିପାରିଲେ। ଏହି ଅସ୍ତ୍ର ଆଗରେ ସବୁ ଯୁଦ୍ଧର କରାମତି ମନକୁ ମନ ରଦ୍ଧ ହୋଇଯାଇଥିଲା। ସେଥିଲେ ଆଇନଜ୍ଞ ଯେଉଁମାନେ ଆଇନ ଶାସ୍ତ୍ର ପ୍ରଣେତା ତତ୍କାଳ ଥିଲେ ଆଇନ ଯାହିର କରୁଥିଲେ। ସେହି ମାନଙ୍କର ଜାତି ବିରାଦର ଏ ଦେଶରେ ତତ୍କାଳ ବଣିକ ଓ ପ୍ରଶାସକ ସେମାନେ ଅଳ୍ପ ଲୋକରେ ଏ ଦେଶର ଲୋକଙ୍କୁ ବୋକା ବନାଇ ହୁକୁମ ଚଲାଇ ଆସୁଥିଲେ। ବଣିକରୁ ସେମାନେ ପ୍ରଶାସକ ସ୍ତରକୁ ଆସିଥିଲେ। କଣ କଲେ ଲୋକମାନଙ୍କ ମଧ୍ୟରେ ବିଭେଦ ନିଜ ନିଜ ମଧ୍ୟରେ ଲାଗିରହିବ ଓ ସେ ବିଲେଇଙ୍କ ପିଠାକଳି ମାଙ୍କଡ଼ ସମାଧାନ କରିବା ନ୍ୟାୟରେ ଏ ଦେଶକୁ ଲୋକଙ୍କୁ ଲୋକଧନ, ଲୋକଙ୍କର ଏକତା ଶକ୍ତିକୁ ଲୁଟୁଥିଲେ। ପ୍ରତି ମନୁଷ୍ୟର କେତକ ମୌଳିକ ଅଧିକାର ଅଛି। ମୌଳିକ କେତେ ଦ୍ରବ୍ୟ, କେତେ ସମୟ, କେତେ ବ୍ୟବହାର ଦ୍ରବ୍ୟ ଆବଶ୍ୟକ ଅଛି। ମୌଳିକ ଦରକାରୀ ବସ୍ତୁ ନହେଲେ କେହି ଚଳିବା ସମ୍ଭବ ନୁହଁ ତେବେ ରାଜତଣ୍ଡ, ରାଜଦଣ୍ଡ, ରାଜଭୟ, ଲଗାଇ ସେ ଦ୍ରବ୍ୟରୁ ଯଦି ଫାଇଦା ମୁଷ୍ଟିମେୟ ଉଠାଇ ଚାଲନ୍ତି ତେବେ ବାଧ ହୋଇ ଲୋକେ କପାଳରେ ସିନା ହାତ ମାରିବେ ତେବେ କିଏ ଶୁଣିବ ଏହି ଦରଦ ?ଗାନ୍ଧିଜୀଙ୍କୁ ଏ ଆହ୍ୱାନ ଜଣାଯାଇଥିଲା। ସେ ଦେଶଜନତାଙ୍କ ଦରଦୀ ବୁଝି ଅସହଯୋଗ ଆନ୍ଦୋଳନ ଅହିଂସା ମାର୍ଗରେ ବିଦେଶୀ ଦ୍ରବ୍ୟ ବର୍ଜନ ପରି ପର୍ଯ୍ୟାୟ ପର୍ଯ୍ୟାୟସ୍ତର ମାନ ଆଗକୁ ଆଗ ଯୋଡ଼ି, ବିଦେଶୀ ବଣିକ ପ୍ରଶାସକଙ୍କୁ ଅସ୍ତବ୍ୟସ୍ତ କରିଥିଲେ, ହେଲେ ସେ ପ୍ରଶାସନର ଦଣ୍ଡନୀତିରେ ଗାନ୍ଧୀଙ୍କ ମାର୍ଗରେ ଯେ ଗଲା ସେ ପଡ଼ିଲା ଶରୀର କଷ୍ଟ, ଭୋଜନ କଷ୍ଟକୁ ରାଜଦଣ୍ଡରେ ଜେଲବାସ। ତଥାପି ଗାନ୍ଧିଜୀଙ୍କ ପ୍ରେରଣାରେ ଲୋକେ ଦଣ୍ଡ ଭୟକୁ ନ ଡରି ଆନ୍ଦୋଳନରେ ଝାମ୍ପି ଦେଇଥିଲେ। ଦେଶ ସ୍ୱାଧୀନତା ପ୍ରାପ୍ତି ବେଳକୁ ବିଦେଶୀ ଚକ୍ରାନ୍ତ ଦେଶରେ ଧର୍ମୀୟ ଦ୍ୱନ୍ଦ ଲଗାଇ ସ୍ଥାନ ବଣ୍ଟନ ପାଇଁ ଦଳେ ଲୋକଙ୍କୁ ଉସକାଇ ଦେଶ ବିଭାଜନ କରାଇ ଦେଲେ। ମନୁଷ୍ୟ ମନୁଷ୍ୟକୁ ମନୁଷ୍ୟ ନଭାବି ପଶୁ ପରି ବ୍ୟବହାର ଦେଖାଇବା ଓ ଧର୍ମ ଜାତି ନାମରେ ହୀନ ଲଗାଇ କଷ୍ଟ ଦେଖାଇବା ପ୍ରଥାଟି କେବେ ମାନବ ଧର୍ମ ନୁହେଁ ଏକଥାର ମର୍ମ ବିଦେଶୀ କଥାରେ କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ବ୍ୟକ୍ତି କେନ୍ଦ୍ରିକ କଥାରେ ଭଳି ଯାଇ ତତ୍କାଳ ରକ୍ତପାତ ଧନ ଜନ କ୍ଷୟ ରଚାଇ ଦେଲେ। ଯାହା ହେଉ ଦେଶ ସ୍ୱାଧୀନ ହେଲା। ହେଲେ ମାଟି ପାଇଁ କଳହ ଗଲାନାହିଁ। ମାଟି ପ୍ରଶାସନ ପାଇଁ ପୁଣି କଂଗ୍ରେସ ପରି ଦଳ ଯାହା ଗାନ୍ଧୀଙ୍କ ଆଦର୍ଶ ଗ୍ରହଣ କରିଚାଲିଛି। ଦେଶ ପାଇଁ କିଛି କରିବା ଦ୍ୱାହି ଦେଇ ଶାସନକୁ ଆସିଛନ୍ତି ଏମିତି ହୋଇ ଚାଲିଛି। ସେହି କଂଗ୍ରେସ ଦଳରେ ବିଭାଜନ ହୋଇ ଚାଲିଛି। ପ୍ରଥମେ ଥିଲା ଯୋଡ଼ି ବଳଦ ଚିହ୍ନ, ତାପରେ ଗାଈବାଛୁରୀ ଚିହ୍ନ, ତାପରେ ହାତ ପାପୁଲି ଚିହ୍ନ ପୁଣି ଆଶ୍ଚର୍ଯ୍ୟ ଏକ ମନା ହୋଇ ନରହି ଦଳରେ ଅମାନିଆଁ ବଢ଼ି ବଢ଼ି ନୂଆ ନୂଆ ଗୋଷ୍ଠୀ ରାଜନୈତିକ ଦଳ ଗଢ଼ିବାରେ ଲାଗି ଯାଇଛନ୍ତି। ଜେଲି ମାଛର ବଂଶ ବିସ୍ତାର ପଦ୍ଧତି ପରି ଏକ ଦଳ ବେଳକୁ ବେଳ ଅନେକ ଦଳରେ ଏ ଦେଶ ସର୍ବ ଭାରତୀୟ ଓ ଆଞ୍ଚଳିକ ସ୍ତରରେ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ହୋଇଗଲେଣି। ଯେଉଁ ରାଜନୈତିକ ଦଳ ସରକାରକୁ ଆସୁଛନ୍ତି ଦେଶର ପେନାଲ କୋର୍ଡ଼ ଉପରେ ଧାର୍ଯ୍ୟ କାନୁନ ଗୁଡ଼ିକୁ ଠିକ ଭାବରେ ପୋଲିସକୁ କରାଇ ନଦେଇ ମୂଳ ଘଟଣାର ରୂପରେଖକୁ ଅପରାଧିକୁ ସୁହାଇଲା ଭଳି କରିବା ପାଇଁ ଇଙ୍ଗିତ କରାଯାଉଛି। ଯଦି ପୋଲିସ ଦମ୍ଭ ଦେଖାଇବେ ତେବେ ତାଙ୍କର ନାମରେ କାମରେ କିଛି ଜଟିଳ ଅଭିଯୋଗ ରଚନା କରିବା ତାଙ୍କୁ ବହୁ ଦୂର ଅପନ୍ତରାକୁ ସ୍ଥାନାନ୍ତର କରିବା ପରି ଅବସ୍ଥାମାନ ଉପୁଜିବା ଦେଖାଯାଉଛି। ତେବେ ଅନେକ ଅଫିସର ଯେ ସ୍ୱାର୍ଥନ୍ୱେଷୀ ନୁହଁ ଏମିତି ନୁହଁ ତେବେ କାନୁନକୁ ଠିକ ଧରି କାମ କରିବା ବ୍ୟକ୍ତି ହିଁ ଏବେ କଷ୍ଟରେ ପଡ଼ୁଛନ୍ତି ।ଦିନେ ବିଦେଶୀମାନେ ବିଦେଶୀ ମଦ ପିଆଇ ଦେଶୀୟ ଲୋକଙ୍କ ଠାରୁ ଧନ ଶୋଷଣ ଓ ନିଶାରେ ଅନ୍ୟାୟ ପ୍ରଶୟ ଦେବା କାର୍ଯ୍ୟମାନ କରାଉଥିଲେ। ଗାନ୍ଧିଜୀ ମଦ ଦୋକାନ ଆଗରେ ବାନର ସେନା ଲଗାଇ ସତ୍ୟାଗ୍ରହ କରି ମଦ ଦୋକାନମାନ ବନ୍ଦ କରାଇ ଦେଇଥିଲେ। ହେଲେ ବହୁ ରାଜ୍ୟ ସରକାର ମଦକୁ ବଡ଼ ରାଜସ୍ୱ ଆଦାୟର ଏକ ଅବଲମ୍ବନ କରି ପ୍ରକାଶ୍ୟରେ ମଦ ବିକ୍ରୟ ବ୍ୟବସ୍ଥା କରିଚାଲିଛନ୍ତି। ସ୍ୱଦେଶୀ ବସ୍ତ୍ର ବ୍ୟବହାରରେ ଖଦଡ଼ ବ୍ୟବହାରକୁ ଗାନ୍ଧୀଜୀ ପ୍ରାଧାନ୍ୟ ଦେଇଥିଲେ। ଆମର ରାଜ୍ୟରେ ଗ୍ରାମେ ଗ୍ରାମେ କପାଚାଷ ହେଉଥିଲା। କପାରୁ ସୂତାକଟା ଟକିଲ ଚରଖାରେ ହେଉଥିଲା ଲୁଗାବୁଣା। ଗ୍ରାମରେ ଠକ ଠକି ହାତ ତନ୍ତରେ ହେଉଥିଲା। ଲୋକେ ଗ୍ରାମ୍ୟ ବୁଣାକାରଙ୍କ ହାତବୁଣା ଖଦି ଶାଢ଼ୀ ଗାମୁଛାକୁ ଆଦରରେ ବ୍ୟବହାର କରୁଥିଲେ। ବିବାହର ବରାଦୀ କନ୍ୟାର ବାହାଶାଢ଼ୀ ପାରତିଣିଆଁ, ହାତଗଣ୍ଠି ବସ୍ତ୍ର, ଗଇଁଠାଳ ଅତି ପବିତ୍ର ମୂଲ୍ୟବାନ ଭାବି ଲୋକେ ବ୍ୟବହାର କରୁଥିଲେ। ଗାନ୍ଧୀଙ୍କର ଖଦଡ଼ ଲୁଗା ପିନ୍ଧିବା ରୂପ ସମସ୍ତେ ଦେଖିଥିବେ। ଜଣେ ବାରିଷ୍ଟର ତାଙ୍କର କୋର୍ଟ ପ୍ୟାଣ୍ଟ ସାର୍ଟ ଟାଇ ଜୋତା ମୋଜା ପିନ୍ଧାରୂପର ଛବି ବି ଦୁର୍ଲଭ ନୁହଁ। ହେଲେ ସେ ଆଣ୍ଠୁ ନଲଚୁ ଥିବା ଲୁଗା ପିନ୍ଧୁଥିଲେ। ଏକ ଚାଦର ଦେହରେ ପକାଉଥିବା ଛବିରେ ସେ ପ୍ରକାଶରେ ରହିଥିଲେ। ସେ ବସ୍ତ୍ର ପାଇଁ ଯେ ଛଳନା କରିଥିଲେ ଏକଥା କୁହାଯାଇନପାରେ। ଦେଶର ବହୁ ଜନତାଙ୍କ ପରି ବସ୍ତ୍ର ବ୍ୟବହାର ତତ୍କାଳ ବହୁଳ ଭାବରେ କରୁଥିଲେ। କପାଚାଷ ସର୍ବତ୍ର ହେବାରୁ ଲୋକଙ୍କ ହାତରେ ସର୍ବଦା କାମ ରହୁଥିଲା ସୂତାକଟା, ଲୁଗାବୁଣାରେ ବହୁ ଲୋକ ବ୍ୟସ୍ତ ରହୁଥିଲେ। ଗ୍ରାମ୍ୟ କାରିଗରଙ୍କର ଫୁରସତ ନଥିଲା। ଏମିତି ହେଲା ଗାନ୍ଧିଜୀଙ୍କ ରାଜ୍ୟ ଗୁଜୁରାଟ ଓ ମହାରାଷ୍ଟ୍ରରେ କୃଷ୍ଣ କାର୍ପାସ ମୃତ୍ତିକା ବହୁଳ ଆର୍ଥିକ ବୋଲି ସେଠାରେ ବହୁତ କପାଚାଷ ଅଞ୍ଚଳ ସେହି ଅଞ୍ଚଳରେ ସୂତାକଳ ମାନ ଆଗ ବସିଲା ତାପରେ ଲୁଗା ଏବେ ସୁରତ ସୌରାଷ୍ଟ୍ରରେ ଏପରି ଶିଳ୍ପାଞ୍ଚଳ। ଆମ ରାଜ୍ୟରୁ ବହୁ ଓଡ଼ିଆ ଏବେ ସେଠାରେ କର୍ମରତ। ଗାନ୍ଧୀବାଣୀ ହେଲା କୁଟୀ କାଅ କାଟି ପିନ୍ଧ, ମାତ୍ର ହାୟ ସେ ଗୃହ କାଠଡ଼ିଙ୍କି ନାହିଁ କି ତୁଳାଚାଷ ସର୍ବତ୍ର ବିଲୁପ୍ତ, ଟକଳି ଅରଟ ନାମ ଅଛି, ହେଲେ ତାର ବ୍ୟବହାର ଲୁପ୍ତ। ସମସ୍ତେ କଳ ତନ୍ତଲୁଗା ପିନ୍ଧିବାରେ ଲାଗିଗଲେଣି।

ଗାନ୍ଧୀଙ୍କୁ ଜାତିର ଜନକ ସମ୍ମାନ ରହିବ। ହେଲେ ତାଙ୍କର ଛବି ମାର୍କା ଦେଶର ମୂଲ୍ୟବାନ ଧନର ନୋଟ ଗୁଡ଼ିକରେ ଏବେ ମଦଦୋକାନରେ ମଦ୍ୟ କିଣାଯାଉଛି। ଏହା କଣ ଜାତିର ଜନକଙ୍କର ଛବିକୁ ଉପହାସ୍ୟ ନୁହଁ। ଯେଉଁ ମହାତ୍ମାଙ୍କର ଛବି ପିଲାମାନଙ୍କର ଶ୍ରେଣୀ ଗୃହରେ କୋର୍ଟ କଚେରୀରେ ପୋଲିସ କାର୍ଯ୍ୟାଳୟରେ କଂଗ୍ରେସ ଦଳ ଅଫିସରେ ଲଗାଯାଉଛି ସେପରି ଛବି ଲଗା ନୋଟରେ ମଦ୍ୟକ୍ରୟ ଯଦି କିଏ କରୁଛି ତାକୁ ଟିକେ ଭାବିବାକୁ ହେଉନାହିଁ। ଏହାଙ୍କ ବାପୁଙ୍କୁ ସମ୍ମାନ। ତେବେ ଗାନ୍ଧୀ ମାର୍କା ମଦ୍ୟ ପ୍ରସ୍ତୁତ କାହିଁକି ହେଉନାହିଁ। ବର୍ତ୍ତମାନ ନେତାମାନେ ଦୁଇଟି ଜାତୀୟ ପର୍ବ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ ପର୍ବକୁ ଯାଉଛନ୍ତି। ମହାତ୍ମାଗାନ୍ଧୀଙ୍କ ଜୟ ଜୟ ଧ୍ୱନୀ ଦିଆଯାଉଛି। ତେବେ ଗାନ୍ଧୀଙ୍କ ସ୍ମରଣରେ ଶପଥ କଣ କେହି ଭାବି କରୁଛନ୍ତି କି? ଚୀନ ଦେଶରୁ ଏ ଦେଶକୁ ତାଙ୍କ ଦେଶର କୁଟୀର ଶିଳ୍ପରୁ ବହୁ ଜିନିଷ ଆସି ଭାରତର ଗଳିକନ୍ଦିରେ ବିକ୍ରୟ ହେଉଛି। ତାକୁ ଶତ୍ରୁ ଦେଶବୋଲି କହି ବାଛନ୍ଦରେ ତାର ନାମକୁ ରଖିଲେ ବି ତାର ଦ୍ରବ୍ୟକୁ ନା କରାଗଲାଣି କି? ମୋବାଇଲ ଫୋନର ଅନେକ ଉପକରଣ ଚୀନ ଦେଶରୁ ଆମଦାନୀ, ହାତବନ୍ଧା ଘଣ୍ଟା ଏପରି କି ତାର ବ୍ୟାଟ୍ରୀ ଚୀନରୁ ଆସୁଥିଲା। ଚୀନା ପଦ୍ଧତିର ଖାଦ୍ୟ ଏ ଦେଶରେ ପ୍ରିୟ। ବଡ଼ ବଡ଼ ହୋଟେଲରେ ସ୍ଥାନିତ। ଏବେ ଆମ ଓଡ଼ିଶାରେ ପୂର୍ବେ ଘରେ ଘରେ କରାଯିବା ବିଭିନ୍ନ ପିଠା ଓ ଖାଦ୍ୟ ପଦାର୍ଥ ଯାହା ବିଭିନ୍ନ ପର୍ବରେ ପାଳନରେ ଲାଗୁଥିଲା ସେ ସବୁ ପ୍ରସ୍ତୁତି ଲୋକେ ଭୁଲି ଗଲେଣି। ଏଣ୍ଡୁରୀ ଚକୁଳୀ ଏ ପିଠାର ଅନ୍ୟ ରାଜ୍ୟର ସଂସ୍କରଣ ଇଡଲି, ଉତ୍ତପମ, ଦୋଶା ଏବେ ନାମକରା ପ୍ରୟୋଗ ଏମିତି ପଞ୍ଜାବୀ, ଗୁଜୁରାଟୀ, ଉଡପି ମାଡ୍ରାଶି ଚାଇନିଜ ଖାନା।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*




# ଆଚଂଳିକ ଟ୍ରକ ମାଲିକ ସଂଘର ସାଧାରଣ ସଭା ଅନୁଷ୍ଠିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାମେବାରୀ ଥାନା ଅର୍ନ୍ତଗତ ବୈତରଣୀ ନଦୀ କୂଳ ସତୀଘାଟ ଠାରେ ରବିବାର ଦିନ ଅଚଂଳିକ ଟ୍ରକ ମାଲିକ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକଙ୍କ ଆବାହକତ୍ୱରେ ସଭା ଆୟୋଜନ କରାଯାଇଥିବା ବେଳେ ସଂଘର ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଆଚଂଳିକ ଟ୍ରକ ମାଲିକ ସଂଘର କାଳିମାଟି ଏବଂ ଦେଓଝର ଠାରେ ଫେବୃଆରୀ ୨୬ରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ପରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଯୋଡା ଟ୍ରକ ମାଲିକ ସଂଘର ମେରୀରାୟ ନୀତିରେ ସାଧାରଣ ଟ୍ରକ ମାଲିକମାନେ ଗାଡି ଲୋଡିଙ୍ଗ ରୁ ବଚଂିତ ହୋଇ ନାନା ହଇରାଣ ହରକତ ହେଉ ଥିଲେ । ଫଳରେ ଯୋଡା ଟ୍ରକ ମାଲିକ ସଂଘ କୁ ବିରୋଧ କରି ଆଚଂଳିକ ଟ୍ରକ ମାଲିକ ସଂଘ ମୁଣ୍ଡ ଟେକିଥିଲା । ନୂତନ ସଂଘ ଗଠିତ ହେବା ପରେ ଏହି ସଂଘରେ ବର୍ତମାନ ସୁଦ୍ଧା ୧ହଜାର ରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ସେମାନଙ୍କ ନାମ ପଞ୍ଜିକରଣ କରି ସାରିଛନ୍ତି । ଆସନ୍ତା ମାସକ ମଧ୍ୟରେ ସମସ୍ତ ଯାନ ଗୁଡିକୁ କମ୍ପୁଟର କରଣ କରିବା ସହ ସମସ୍ତ ଖଣି ରୁ ମାଲ ପରିବହନ କରାଯିବ ବୋଲି ସଂଘର ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଆଚଂଳିକ ଟ୍ରକ ମାଲିକ ସଂଘ କୁ ସୁଚାର ରୂପେ ପରିଚାଳନା କରିବା ନିମନ୍ତେ ବର୍ତମାନ ୨୨ ଜଣ ସଦସ୍ୟ ଙ୍କୁ ପରିଚାଳନା କମିଟିର ସଦସ୍ୟ କରାଯାଇଛି । ସେମାନଙ୍କ ମଧ୍ୟରୁ ସଭାପତି ମନୋଜ କୁମାର ମହାନ୍ତ, ଉପ-ସଭାପତି ଅର୍ଜୁନ କୁମାର ମୁଣ୍ଡା ଓ ମୂରଲୀଧର ମହାନ୍ତ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାରିକ, ସହ-ସମ୍ପାଦକ ମୋନୋବୋଧ ବେହେରା, ବୁଲୁ ଚରଣ ବାରିକ, କୋଷାଧକ୍ଷ ତପନକୁମାର ସାହୁ ସେହିପରି ଉଗ୍ରେସନ ଆପଟ୍ଟ, କମଳାକାନ୍ତ ମହାକୁଡ, ଅନାଦି ବାରିକ, ଦିବ୍ୟଲୋଚନ ସାହୁ, ମହମ୍ମଦ ସାବାଜ ଆଲ୍ଲମ, ମହମ୍ମଦ ଓାସିଦ୍ ଆକମଲ୍ଲ, ମିଶ୍ର ମହାନ୍ତ, ପ୍ରଭାସ ପ୍ରସାଦ, ପର୍ଶୁରାମ ମହାନ୍ତ, ଗୋବିନ୍ଦ ଖିଲାର, ଜ୍ଞାନରଂଜନ ଖୁଣ୍ଟିଆ, ନନ୍ଦକିଶ୍ୱର ମହାନ୍ତ, ବସନ୍ତ କୁମାର ପଲେଇ, ସୋରଜ ବାରିକ, ରଣଜିତ କୁମାର ବେହେରା ଙ୍କୁ ଇ.ବି ମେମ୍ବର ଭାବେ କମିଟିରେ ସ୍ଥାନୀତ କରାଯାଇଛି । ଆୟୋଜିତ ସଭାରେ ଉପଦେଷ୍ଟା ମିଟିର ସଦସ୍ୟ ଭକ୍ତବନ୍ଧୁ ମହାନ୍ତ, ଜେଠୁରାମ ମହାନ୍ତ, ଗୋପୀନାଥ ଗୋପ, ଜୟନ୍ତ କଲୁମାର ବେହେରା, ମହମ୍ମଦ ମତିଉର ରହମାନ, ବିରବର ନାଏକ, ରଞ୍ଜିତ ନାଏକ, ତ୍ରୀଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଚଂଳିକ ଟ୍ରକ ମାଲିକ ସଂଘର କର୍ମକର୍ତାମାନଙ୍କୁ ସଂଘକୁ କିପରି ଭାବେ ସୁଦୃଢ କରିବା ସହ ଆଗାମୀ ଦିନରେ ଏକ ଅଗ୍ରଣୀ ଓ ସୁପ୍ରତିଷ୍ଠିତ ସଂଘ କରାଯିବ ସେ ଉଦ୍ଦେଶ୍ୟରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ସାଧାରଣ ସଭାରେ ଚମ୍ପୁଆ ଉପଖଣ୍ଡ ସମେତ ପଳାଶପଙ୍ଗା ଅଚଂଳରୁ ୭ଶହରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

# ଅଘୋଷିତ ବିଦ୍ୟୁତ କାଟ ଓ ବିଲ୍ ଛାଡ଼ ଲାଗି କାର୍ଯ୍ୟାଳୟ ଘେରିଲେ

କୋରେଇ, (ପିଏନ)– ଯାଜପୁର ରୋଡ୍ ସବଡ୍ଭିଜନ ଅଧିନସ୍ଥ ପାଣିକୋଇଲି ବିଦ୍ୟୁତ ସେକ୍ସନର ଦାୟିତ୍ୱହୀନତା ଓ କରୋନା ସହିତ ବନ୍ୟାରେ କ୍ଷତିଗ୍ରସ୍ଥ ହୋଇଥିବା ବଡ଼ବିରୁହାଁ ପଂଚାୟତ ଅଧିନସ୍ଥ ସୋଲପଟା ଗ୍ରାମର ଉପଭୋକ୍ତା ଗୁରୁବାର ଦିନ ପାଣିକୋଇଲି ବିଦ୍ୟୁତ ସେକ୍ସନକୁ ଘେରାଉ କରିଥିଲେ । ସେମାନଙ୍କର ଦାବି ମୁତାବକ କରୋନା ମହାମାରୀ ଯୋଗୁ ଜୀବିକା ହରାଇଥିବା ସହିତ ଚଳିତ ଖରସ୍ରୋତା ବନ୍ୟାରେ ତାଙ୍କର ଫସଲ ସମ୍ପୂର୍ଣ କ୍ଷତିଗ୍ରସ୍ତ ହୋଇଅଛି । ତା ଛଡ଼ା ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ପ୍ରତିମାସରେ ତାଙ୍କୁ ବିଲ ଦିଆଯାଉନାହିଁ କିମ୍ବା ବିଦ୍ୟୁତ ବିଲ ଆଦାୟ କରିବା ଲାଗି କୌଣସି କର୍ମଚାରୀ ଉକ୍ତ ଗ୍ରାମକୁ ଯାଉନାହାନ୍ତି । ଫଳରେ ଗ୍ରାମବାସୀଙ୍କ ଉପରେ ବିଦ୍ୟୁତ ବିଲ ବାକି ରହିଛି । ଏହା ଉପରେ ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ପ୍ରଦାନ କରାନଯାଇ କିମ୍ବା କୌଣସି ଅଧିକାରୀ ତାଙ୍କର ସମସ୍ୟା ଉପରେ ଦୃଷ୍ଟି ନିକ୍ଷେପ ନକରି ତରବରିଆ ଭାବେ ସମ୍ପୁର୍ଣ ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରିଥିଲେ । ଉପଭୋକ୍ତା ମାନେ ଚାଷ ଲାଗି ପୁନର୍ବାର ଅଂଟା ଭିଡୁଥିବା ବେଳେ ବିଦ୍ୟୁତ ସଂଯୋଗ ବିଛିନ୍ନ ଯୋଗୁଁ ବୋରିଂ ଗୁଡ଼ିକ ବନ୍ଦ ହୋଇଯାଇଥିଲା । ଏହା ସହିତ ପିଲାମାନଙ୍କ ପାଠପଢା ଓ ଗ୍ରାମରେ କରୋନା ପିଡ଼ିତ ହୋମ କ୍ୱାରେଟାଂଇନରେ ରହୁଥିବା ବ୍ୟକ୍ତି ମାନେ ବିଦ୍ୟୁତ କାଟ ଯୋଗୁଁ ନାନା ଅସୁବିଧାର ସମ୍ମୁଖିନ ହୋଇଥିଲା । ଏ ଦିଗରେ ସେମାନେ ବିଭାଗର ଅଧିକାରୀ ଓ ଅଂଚଳର ଲାଇନମ୍ୟାନଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେମାନଙ୍କ ଠାରୁ କୌଣସି ଉତର ନମିଳିବାରୁ ସେମାନେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏହା ବ୍ୟତୀତ ବିଦ୍ୟୁତ ବିଭାଗ ତରଫରୁ ଲାଇନମ୍ୟାନଙ୍କ ସମେତ ବିଲ ଆଦାୟ ଓ ମିଟର ଲଗାଇବା ଲାଗି ଯାଉଥିବା ବ୍ୟକ୍ତି ମାନେ ତାଙ୍କୁ ଉକ୍ରୋଚ ମାଗୁଥିବାର ଅଭିଯୋଗ ହୋଇଥିଲା । ଏ ଦିଗରେ ବିଭାଗ ତରଫରୁ ଉକ୍ରୋଚ ମାଗିବା ନେଇ କୌଣସି ସ୍ୱଷ୍ଟିକରଣ ଦିଆଯାଇନଥିବା ବେଳେ ସେମାନଙ୍କର ୭/୮ ମାସର ବିଦ୍ୟୁତ ବିଲ ବାକିଥିବା ଯୋଗୁଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇଛି ବୋଲି ପାଲଟା ଅଭିଯୋଗ କରିଥିଲେ । ସେମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ସେମାନଙ୍କର ସମସ୍ୟା ସମାଧାନ କରିବା ଲାଗି ପହଂଚି ନଥିଲେ । ତେବେ କରୋନା ମହାମାରୀ ଯୋଗୁଁ ଦୀର୍ଘ ଛଅ ମାସ ହେଲା ରୋଜଗାର ହରାଇ ଘରେ ବସିରହିଥିବା ବେଳେ ବନ୍ୟା ସେମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଏପରି ପରିସ୍ଥିତିରେ ବିଦ୍ୟୁତ ବିଭାଗ ପରିସ୍ଥିତିର ସାମନା କରିବା ଲାଗି ଉପଭୋକ୍ତାଙ୍କୁ ସହଯୋଗ କରିବା ପରିବର୍ତେ ସେମାନଙ୍କ ଉପରେ ଜୁଲମ କରିବା ବିଭାଗର ହିଟଲରୀ ଶାସନର ପରିଚୟ ଦେଉଛି ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି । ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ୍ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ।

କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ । ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ । ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ । ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି । ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି । ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ । ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି । କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି । ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ । ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି । ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି । ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ । ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ । ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇିନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ । ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ । କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ । ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା । ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା । ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ । ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି । ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି । ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି । ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ । ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ । ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି । ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




## ସବୁଜିମାର ଜୀବନ

ପ୍ରକୃତିକୁ ମା' ସହ ତୁଳନା କରାଯାଇଥାଏ । ମଣିଷ ଜୀବନର ପ୍ରତିଟି ଜୀବନ, ପ୍ରତିଟି କ୍ଷଣ ସର୍ବଂସହା ପ୍ରକୃତି ସହ ଜଡ଼ିତ । ଜଣେ ପ୍ରକୃତିର କୋଳରେ ହିଁ ସୁରକ୍ଷିତ କିନ୍ତୁ ବିଭିନ୍ନ ଭାବରେ ପ୍ରକୃତି ଆଜି ଯେଉଁପରି ଭାବରେ ଉଦ୍‌ବେଗଜନକ ସ୍ଥିତିରେ ଅବକ୍ଷୟର ଶିକାର ହେଉଛି ତାହା ହିଁ ଆଜି ସମୟ ପାଇଁ ବଡ଼ ଆହ୍ୱାନ । ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲିଛି, ବିଭିନ୍ନ ଆନ୍ଦୋଳନ ବି ନୂଆ ନୂଆ ସ୍ଲୋଗାନ ନେଇ କାର୍ଯ୍ୟ କରୁଛନ୍ତି ତଥାପି ଦେଖାଯାଉଛି ପ୍ରକୃତିର ଅବକ୍ଷୟ ପାଇଁ ଆମ ସମସ୍ତଙ୍କ ଭିତରେ ଯେଉଁ ପରିମାଣର ଆବେଗ, ଦାୟିତ୍ୱବୋଧତା ଓ ଭଲପାଇବା ରହିବା କଥା ତାହା ସମ୍ଭବତଃ ଯଥାର୍ଥ ହୋଇପାରୁନାହିଁ । ଆଜିର ଅବକ୍ଷୟମୁଖୀ ପ୍ରକୃତିକୁ ରକ୍ଷା କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାର (ଚଳିତବର୍ଷ ଅକ୍ଟୋବର ୩)କୁ ୱାର୍ଲ୍ଡ ହାବିଟାଟ୍ ଡେ ବିଶ୍ୱ ପ୍ରାକୃତିକ ବାସ ଦିବସ ଭାବରେ ପାଳନ କରାଯାଉଛି । ୧୯୮୫ ଡିସେମ୍ବରରେ ମିଳିତ ଜାତିସଂଘ ସାଧାରଣ ପରିଷଦର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେହି ଅଧିବେଶନରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାରକୁ ୱାର୍ଲ୍ଡ ହାବିଟାଟ୍ ଡେ ଭାବରେ ପାଳନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ୧୯୮୬ରୁ ଏ ପର୍ଯ୍ୟନ୍ତ ଠିକ୍ ସେହିଦିନ ଏହି ଦିବସକୁ ପାଳନ କରାଯାଉଛି । ପ୍ରକୃତିର ସବୁଜିମା ପରିବେଶ ଭାରି ମନୋରମ । କିନ୍ତୁ ଆଜିକାଲି ଏହା ଅନେକ ଜାଗାରେ ସ୍ୱପ୍ନ ପାଲଟି ଗଲାଣି । ମଣିଷ ଆଦିମ ଅବସ୍ଥାରେ ବଣ ଜଙ୍ଗଲରେ ରହୁଥିଲା । ଧୀରେ ଧୀରେ ଚାଷ କରି ଶିଖିଲା । ସମୟ ସହ ତାଳ ମିଳାଇ ନିଜ ପାଇଁ ମାନବ ସମାଜ ରହିବାକୁ ଯେଉଁ ପ୍ରଣାଳୀ ଅବଲମ୍ବନ କରୁଛି ତାହା ଦ୍ୱାରା ପ୍ରକୃତି କ୍ଷତିଗ୍ରସ୍ତ ହେଉଛି । ସହରୀକରଣ ତାହାର କାୟା ବିସ୍ତାର କରି ଚାଲିଛି । ତା'ସହ କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ କଟାଯାଉଛି । ଫଳରେ ଜଙ୍ଗଲ କ୍ଷୟ ହେବା ସହ ଅନେକ ପଶୁପକ୍ଷୀ ବାସହରା ହେଉଛନ୍ତି । ଏଥିପାଇଁ କେତେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଗଲେଣି ତ ଆଉ କେତେକଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଛି । ମଣିଷ ସିନା ବଞ୍ଚି ଯାଉଛି ହେଲେ କଂକ୍ରିଟ ଜଙ୍ଗଲ ପାଇଁ ସବୁଜିମା ପରିବେଶର କେତେ କ୍ଷତି ହେଉଛି ତାହା ବିଚାରସାପେକ୍ଷ । କଳକାରଖାନା ଚାଲିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି । ତେଣୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯିବ ଏବଂ ତା'ସହ ପ୍ରକୃତିର ସେହି ସବୁଜ ବଳୟ କିପରି ପ୍ରଭାବିତ ହେବନାହିଁ ସେ ନେଇ ଚିନ୍ତା କରିବାର ସମୟ ଆସିଛି । ଏହି ଦିବସ ପାଳନ ଅବସରରେ ପ୍ରାକୃତିକ ବାସ କିପରି ସୁରକ୍ଷିତ ରହିବ ସେ ସେଇ ଜନସଚେତନତା ସୃଷ୍ଟି କରାଯାଇଥାଏ । ଯଦି ଏହା ପ୍ରତି ନଜର ଦିଆ ନଯାଏ ତେବେ ସମୟ ଆସିବ ପ୍ରକୃତିର ଏହି ସବୁଜିମା ବଳୟ ସବୁଦିନ ପାଇଁ ଲୋପ ପାଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ବର୍ତ୍ତମାନ ମଣିଷ ସାମଗ୍ରିକ ବିକାଶ ପାଇଁ ଯେଉଁ ଅଭିବୃଦ୍ଧି ଓ ବିକାଶର ଗତିରେ ଚାଲୁଛି ତାହା ନିଶ୍ଚିନ୍ତ ତାହାର ଦାୟିତ୍ୱବୋଧତା କିନ୍ତୁ ଏହା ସହ ପ୍ରକୃତିର ସଂରକ୍ଷଣ ଓ ଏହାର ସୁରକ୍ଷା ପାଇଁ ଆମ୍ଭମାନଙ୍କର ଦାୟିତ୍ୱ ଯାହା ରହିଛି ତାହା ଏହି ଦିବସ ଠାରୁ ବାସ୍ତବରେ ପରିଣତ ହୋଇ କିଛିଟା କାର୍ଯ୍ୟକାରୀ ହୋଇପାରିଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପୂରଣ ହୋଇପାରିବ ।

## ଚିତ୍ତରଞ୍ଜନ ଦାସ

ପ୍ରଫେସର ଚିତ୍ତରଞ୍ଜନ ଦାସ ଜଣେ ସୁପ୍ରସିଦ୍ଧ ସାହିତ୍ୟିକ, ଶିକ୍ଷାବିତ୍ ଓ ସମାଜସେବୀ । ହାଇସ୍କୁଲ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ଚିତ୍ତରଞ୍ଜନ, ନିଜର ଅସାଧାରଣ ମେଧା-ଶକ୍ତି ଓ ପ୍ରଜ୍ଞା ବଳରେ ସବୁ କ୍ଷେତ୍ରରେ ସଫଳତାର ଶୀର୍ଷ ଛୁଇଁଥିଲେ । ୧୯୪୨ରେ ସେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ପଢ଼ା ଛାଡ଼ିଥିଲେ । ସୁରେନ୍ଦ୍ର ନାଥ ଦ୍ୱିବେଦୀ ଥିଲେ ତାଙ୍କ ସଂଗ୍ରାମୀ ଜୀବନର ରାଜନୈତିକ ଗୁରୁ । ବ୍ରିଟିସ ବିରୋଧୀ କାର୍ଯ୍ୟକଳାପରେ ସାମିଲ ହୋଇ ଗିରଫ ହୋଇଥିଲେ । ଏଥିପାଇଁ ତାଙ୍କୁ ଦେଢ଼ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା । ଜେଲ ରହଣି କାଳରେ ସେ ଅସଂଖ୍ୟ ବହି ପଢ଼ି ନିଜକୁ ସୁଗଠିତ କରିବାରେ ସଫଳ ହୋଇଥିଲେ । ଜେଲରୁ ମୁକୁଳିବା ପରେ ସେ ଉଚ୍ଚ ଶିକ୍ଷା ପାଇଁ ଯାଇଥିଲେ ଶାନ୍ତିନିକେତନ ସେଠାରୁ ଡେନମାର୍କର କୋପେନହେଗେନ୍ ଯାତ୍ରା ଓ ମନୋବିଜ୍ଞାନ ଅଧ୍ୟୟନ । ପ୍ରାୟ ଚାରି ବର୍ଷ ବିଦେଶରେ କଟିଥିଲା । ଏହି ସମୟ ମଧ୍ୟରେ ଏକାଧିକ ବିଦେଶୀ ଭାଷା ଶିକ୍ଷା କରିଥିଲେ । ସ୍ୱଦେଶ ଫେରିବା ପରେ ଅନୁଗୋଳର ଚମ୍ପତିମୁଣ୍ଡାରେ ସ୍ଥାପିତ ଜୀବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ । କବିତା, ଭ୍ରମଣ ସାହିତ୍ୟ, ଅନୁବାଦ ସାହିତ୍ୟ, ଶିଶୁ ସାହିତ୍ୟ, ପ୍ରବନ୍ଧ ଓ ରମ୍ୟ ରଚନା, ଆଲୋଚନା ତଥା ଗବେଷଣା ଉପରେ ଦୁଇ ଶହରୁ ଅଧିକ ପୁସ୍ତକ ସେ ରଚନା କରିଛନ୍ତି । ମିତ୍ରସ୍ୟ ଚକ୍ଷୁସା ତାଙ୍କର ଆତ୍ମଚରିତ । ଜୀବନ ବିଦ୍ୟାଳୟ ପାଇଁ ୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ, ଓଡ଼ିଆ ଓ ଓଡ଼ିଶା ପାଇଁ ୧୯୮୯ରେ ଶାରଳା ଏବଂ ବିଶ୍ୱକୁ ଗବାକ୍ଷ ପାଇଁ ୧୯୯୮ରେ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାର ଦ୍ୱାରା ସେ ସମ୍ମାନିତ । ୧୯୨୩ ଅକ୍ଟୋବର ଆଜିର ଦିନରେ କଟକ ଜିଲ୍ଲା ଅନ୍ତର୍ଗତ ବାଗଲପୁର ଗ୍ରାମରେ ଚିତ୍ତରଞ୍ଜନ ଦାସ ଜନ୍ମ ଗ୍ରହଣ କରିଥିଲେ ।

## ଓଡିଶା ସୀମା ସମସ୍ୟା: ଛତିଶଗଡ ଭୁଲ ସ୍ୱୀକାର କଲା, ଆନ୍ଧ୍ର ଓ ପଶ୍ଚିମବଙ୍ଗ କେବେ ?

ଭୁବନେଶ୍ୱର (ପିଏନ୍): ନିକଟରେ ଛତିଶଗଡର ଚିନ୍ତଲନାଡବାସୀ ଓଡିଶା ଭିତରେ ପଶି ଶହ ଶହ ଗଛ କାଟିଦେବା ପରେ ୩ କିଲୋମିଟର ଅଞ୍ଚଳକୁ ସଫା କରି ସେହି ଅଞ୍ଚଳକୁ ନିଜ ରାଜ୍ୟରେ ମିଶାଇ ଦେବା ପାଇଁ ଚେଷ୍ଟା କରୁଥିଲେ । ଏହି ଖବର ଆମ ବନ ବିଭାଗ ଓ ତହସିଲଦାରଙ୍କୁ ମିଳିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଦୁଇ ରାଜ୍ୟର ଅଧିକାରୀ ଏବଂ ଚିନ୍ତଲନାଡ ଓ କମାରପାଲୀର ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ଚିନ୍ତଲନାଡ ଗ୍ରାମବାସୀ ଓଡିଶା ଭିତରେ ପଶି ଗଛ କାଟିବା ସହିତ ନିଜ ରାଜ୍ୟରେ ମିଶାଇବାକୁ ଚେଷ୍ଟା କରୁଥିଲେ ବୋଲି ମାନିବା ସହ ଏହା ତାଙ୍କର ଭୁଲ ଥିଲା ବୋଲି ସ୍ୱୀକାର କରିଥିଲେ ଓ ଆଗକୁ ଏମିତି ହେବ ନାହିଁ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଛତିଶଗଡରେ ଆପୋଷ ଆଲୋଚନା ହେବା ଦ୍ୱାରା ସୀମା ବିବାଦ ଟଳି ଯାଇଥିବାରୁ ଉତ୍କଳ ସମ୍ମିଳନୀ ଏହାକୁ ସ୍ୱାଗତ କରିବା ସହିତ ଏହିଭଳି ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗ କେବେ ନିଜ ଭୁଲ ସ୍ୱୀକାର କରିବେ ଓ ଆଗକୁ ଏଭଳି ହେବନାହିଁ ବୋଲି ପ୍ରତିଶ୍ରୁତି ଦେବାପାଇଁ ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଓଡିଶା ସୀମା ଭିତରେ ୩ କିଲୋମିଟର ଜଙ୍ଗଲ କଟା ହେଲା ଓ ଏହା କେହି କିପରି ଜାଣିପାରିଲେ ନାହିଁ ବୋଲି ଆଶ୍ଚର୍ଯ୍ୟ ପ୍ରକଟ କରି ଏହାଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି ।

## ଶକ୍ତି ରୂପେଣ ସଂସ୍ଥିତା...

*"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା*
*ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ।"*

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ,





ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏହି ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ । ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୂକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ - ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ,



ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏହି ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଲିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday March 06, 2024 | ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୬ ,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | 8







## କନ୍ଧମାଳରେ ବିଜୁ ଜୟନ୍ତୀ : ବିଜୁଙ୍କ ଭଳି ସାହସୀ ଓ ଦୃଢ଼ମନା ହୁଅ: ଅଚ୍ୟୁତ ସାମନ୍ତ



ଫୁଲବାଣୀ,(ପି.ଏନ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଭଳି ସାହାସୀ ଓ ଦୃଢ଼ମନା ହେବାକୁ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଜେଡ଼ି ପକ୍ଷରୁ ଆଜି କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ସାଂସଦ ଶ୍ରୀ ସାମନ୍ତ ଆଜି ସକାଳେ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଗଣଦୌଡ଼କୁ ସେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ବିଜେଡ଼ି କନ୍ଧମାଳ ପର୍ଯ୍ୟବେକ୍ଷକ ବିଜୟ ନାୟକ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କର୍ଣ୍ଣ, ଜିଲ୍ଲା ମହିଳା ବିଜେଡ଼ି ସଭାପତି ଅନିମା କହଁର ଓ ରାଜ୍ୟ ମହିଳା ବିଜେଡ଼ି ସାଧାରଣ ସମ୍ପାଦକ ପୁନମ୍ କହଁର ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜି. ଉଦୟଗିରି ନିର୍ବାଚନମଣ୍ଡଳୀ ବିଜେଡ଼ି ପକ୍ଷରୁ ଜି. ଉଦୟଗିରି ଶ୍ରୀରାମପଦା ମିନି ଷ୍ଟାଡ଼ିୟମ୍‌ରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ମହା ସମାରୋହରରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସାଂସଦ ଶ୍ରୀ ସାମନ୍ତ ଯୋଗ ଦେଇଥିଲେ। ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ସାମନ୍ତ କହିଲେ, ବିଜୁବାବୁ ଜଣେ ଅତି ସାହାସୀ ଓ ଦୃଢ଼ମନା ବ୍ୟକ୍ତି ଥିଲେ। ସେ ଯାହା ଚିନ୍ତା କରୁଥିଲେ ତାହାକୁ କାର୍ଯ୍ୟରେ ପରଣିତ କରି ଦେଖାଉଥିଲେ। ସେ ସବୁବେଳେ ଓଡ଼ିଶା ଓ ଓଡ଼ିଆଙ୍କ ବିକାଶ କଥା ଚିନ୍ତା କରୁଥିଲେ। ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା। ବିଜୁବାବୁଙ୍କ ଭଳି ପ୍ରତ୍ୟେକ ଓଡ଼ିଆ ଯୁବକ ସାହସୀ ଓ ଦୃଢ଼ମନା ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ସେ ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଥିଲେ। ବିଜେଡ଼ି ନେତା ଟୁନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜି.ଉଦୟଗିରି ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ଟିକାବାଲି ବ୍ଲକ ଅଧ୍ୟକ୍ଷ, ଦାରିଙ୍ଗିବାଡ଼ି ବ୍ଲକ ଅଧ୍ୟକ୍ଷ, ବିଜେଡ଼ି ବାଲିଗୁଡ଼ା ଏନ୍ଏସି ସଭାପତି ପି. ସଞ୍ଜୀବ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରୁ ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ପରେ ସାଂସଦ ଶ୍ରୀ ସାମନ୍ତ ଘୁ. ଉଦୟଗିରି ବ୍ଲକରେ ନୂତନ ପଞ୍ଚାୟତ ଅଫିସ୍ ଓ ଆଇସିଡ଼ିଏସ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍କୁଟି ଯୋଜନାରେ ମହିଳାମାନଙ୍କୁ ସ୍କୁଟି ପାଇଁ ଚେକ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ମିଶନ୍ ଶକ୍ତି ସଭାପତି କୁମୁଦିନୀ ଦିଗାଲ, ଘୁ. ଉଦୟଗିରି ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ଓ ବିଡ଼ିଓ ମନୋଜ କୁମାର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବାଲିଗୁଡ଼ାଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କ୍ରୀଡ଼ା ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ୪ଟି ବ୍ଲକର କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ।

## କୁକୁଡାଖଣ୍ଡି ରେ ବିଜୁ ଜୟନ୍ତୀ ପାଳିତ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): ଆଜି କୁକୁଡାଖଣ୍ଡି ବ୍ଲକ ପରିସରରେ ରେ ସ୍ୱର୍ଗତ ବିଜୁ ବାବୁ ଙ୍କ ୧୦୮ ତମ ଜୟନ୍ତୀ ପାଳନ କରାଯାଇଅଛି। ବ୍ଲକ ଅଧ୍ୟକ୍ଷ କାମାକ୍ଷ ପ୍ରସାଦ ପାତ୍ର ଙ୍କ ଦ୍ୱାରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ଫୁଲ ମାଳ ଦେବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଓ ଜାତି ର ପିତା ମହାତ୍ମା ଗାନ୍ଧୀ ଙ୍କୁ ମଧ ଫୁଲ ମାଳ ଦେବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ,ବ୍ଲକ ସଭାପତି ସୀତାରାମ ସାହୁ, ଉଦୟ ବେହେରା,କୈଳାଶ ରଣା,କୈଳାଶ ବିଶୋଇ,ଲକ୍ଷ୍ମୀ ସେଠି,ବ୍ଲକ ର ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସହ ବହୁ କର୍ମଚାରୀ, କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।ଓ ଶେଷ ରେ ଆମ୍ବଗଡ ସ୍ଥିତ ଓମ୍ ଜରା ନିବାସ ଠାରେ ପହଞ୍ଚି ସେହି ଆଶ୍ରମ ବୁଦ୍ଧିଜୀବୀ ମାନଙ୍କୁ ବ୍ଲକ ଅଧ୍ୟକ୍ଷ ଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା।

## ଜିଲ୍ଲା ସ୍ତରୀୟ ପ୍ରତିଭା ସଂଗମ ପୋଷ୍ଟର ଉନ୍ମୋଚିତ

ଫୁଲବାଣୀ,(ପି.ଏନ):ରାଷ୍ଟ୍ରୀୟ କଳାମଞ୍ଚ ଦ୍ୱାରା ଆୟୋଜିତ ହେଉଥିବା ପ୍ରତିଭା ସଂଗମ କାର୍ଯ୍ୟକ୍ରମ ପାଇଁ ଆଜି କନ୍ଧମାଳ ଜିଲ୍ଲାରେ ପୋଷ୍ଟର ଉନ୍‌ମୋଚନ ହୋଇଯାଇଛି ଏବଂ ଆଗାମୀ ମାର୍ଚ୍ଚ ମାସ ୧୦ ତାରିଖ ଦିନ କନ୍ଧମାଳ ଜିଲ୍ଲାର ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଜିଲ୍ଲା ସ୍ତରୀୟ ପ୍ରତିଭା ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଗ ତ୍ରିଲୋଚନ ଗଣ୍ଡା କହିଛନ୍ତି ଏହି ପ୍ରତିଯୋଗିତାରେ ଏକକ ନୃତ୍ୟ, ଗ୍ରୁପଡାନ୍ସ,ଏକକ ସଙ୍ଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ନାଟକ( ଏକାଙ୍କିକା), ରଙ୍ଗୋଲି, ସ୍ୱରଚିତ କବିତା ଆବୃତ୍ତି, ପାରମ୍ପରିକ ବେଶ ଭୂଷା ପରି ପ୍ରତିଯୋଗିତା ହେବା ପାଇଁ ଯାଉଛି ।

## ବିଜୁ ପଟ୍ଟନାୟକଙ୍କ ୧୦୮ ଜନ୍ମ ଜୟନ୍ତୀ ପାଳିତ



ବାସୁଦେବପୁର ,(ପି.ଏନ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ବାସୁଦେବପୁର ରେ ପାଳନ କରାଯାଇଛି। ବାସୁଦେବପୁର ରେ ବିଜୁ ଜନତା ଦଳ ପକ୍ଷରୁ ବିଜେଡ଼ି କାର୍ଯ୍ୟାଳୟ ପରିସର ରେ ବ୍ଲକ୍ ସଭାପତି ଦିନ ବନ୍ଧୁ ଦାସ ଙ୍କ ପୌରହିତ୍ୟ ରେ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି। ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଯୋଗ ଦେଇ ବିଜୁ ପଟ୍ଟନାୟକ ଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଅନୁଷ୍ଠିତ ସଭା କାର୍ଯ୍ୟ କର୍ମ ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌର ଅଧ୍ୟକ୍ଷା ନିବେଦିତା ବେହେରା, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ୍, ଜିଲ୍ଲା ପରିଷଦ ସଦସ୍ୟ ଯଦୁନାଥ ଜେନା,ବିଜେଡ଼ି ନେତା ଶୁଭେନ୍ଦୁ ଭୂଷଣ ବେହେରା, ପ୍ରଫୁଲ୍ଲ ପଲିତା, ପ୍ରଫୁଲ୍ଲ ବିଶ୍ୱାଳ, ମାନସ ସାହୁ, କାଳନ୍ଦୀ ସାହୁ ଉପସ୍ଥିତ ଥିଲେ। ବିଜୁ ବାବୁ ଙ୍କ ଉପରେ ଅନେକ ବିଷୟ ବିଜେଡ଼ି ନେତା ମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟ କର୍ମ ରେ ବିଭିନ୍ନ ସ୍ଥାନ ରୁ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି ଅବସର ରେ ବିଜେଡ଼ି ବାସୁଦେବପୁର ପକ୍ଷ ରୁ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଙ୍କ ନେତୃତ ରେ ବାଲାଜୀ ବାସନ୍ତୀ ବୃଦ୍ଧାଶ୍ରମ ଓ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଫଳ ବଣ୍ଟନ କରାଯାଇଛି। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ମଧ ବିଜୁ ପଟ୍ଟନାୟକ ଙ୍କ ଜନ୍ମ ଦିବସ କୁ ପଞ୍ଚାୟତି ରାଜ ଦିବସଓ ଲୋକ ସେବା ଦିବସ ରୂପେ ପାଳନ କରାଯାଇଛି। ଶିକ୍ଷକ ଅମିୟ ପାଣିଗ୍ରାହୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭା କାର୍ଯ୍ୟ କର୍ମ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜୀବ ସାହୁ ଓ ଗ୍ରାମ ପଞ୍ଚାୟତ ଅଧିକାରୀ ଅମିୟ କୁମାର ନାଥ ଉପସ୍ଥିତ ରହି ଥିଲେ।

## ସାନ୍ତାଳୀ ୟୁଥ ଫେଡ଼ରେସନ ପକ୍ଷରୁ ପ୍ରଥମ ବାର୍ଷିକ ପାରିବାରିକ ସମ୍ମିଳନୀ ଆୟୋଜିତ





ପାରାଦୀପ,(ପି.ଏନ): ପାରାଦୀପର 'ସାନ୍ତାଳୀ ୟୁଥ ଫେଡ଼ରେସନ' ପକ୍ଷରୁ ପ୍ରଥମ ବାର୍ଷିକ କାର୍ଯ୍ୟକ୍ରମ ସହ ପାରିବାରିକ ସମ୍ମିଳନୀ ଗତ ରବିବାର ଦିନ ଗଲ୍ଫ ପଡିଆରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସାନ୍ତାଳୀ ଗୀତ,ପାରମ୍ପରିକ ଭେଷଭୂଷା ଓ ପୋଷାକ ପ୍ରତିଯୋଗିତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ଥିଲା ।ଏଥି ସହିତ ସମସ୍ତଙ୍କ ନିମନ୍ତେ ଆଦିବାସୀ ପାରମ୍ପରିକା ଖାଦ୍ୟ ପରିବେଷଣ କରାଯାଇଥିଲା । ଶେଷରେ ବୁଲ ତାମସାଓ ନାଚ଼ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ପାରାଉ ଟୁଡୁ,ଆଇଓସିଏଲ ର ଶାଙ୍ଗ ହେମ୍ବ୍ରମ, ନାୟକା ବେଶ୍ରା, ମହିଳା ଖେରୱାଲ ଡୋମେଲ ର ସଭାନେତ୍ରୀ ଶୁବାସୀନୀ ବେଶ୍ରା, ସୁକୁମୁନି ହେମ୍ବ୍ରମ, ଭୀମ ଚ଼ରଣ ହେମ୍ବ୍ରମ, ମକର ହେମ୍ବ୍ରମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟମରେ ବହୁ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ସପରିବାରେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।







Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray